## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସର୍ବ ଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର,ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବ, ଏମ୍‌କେସିଜି ଅଡିଟୋରିୟମ୍ ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ବୟାଲିଶ କମ୍ୟୁନିଟ୍ ୱେଲଫେୟାର ସୋସାଇଟି ପକ୍ଷରୁ ବୟାଲିଶ ସମାଜ ମହୋତ୍ସବ, ଜୟପୁର ମେଲଣ ପଡ଼ିଆ, ଅପରାହ୍ନ ୪ଟା।
- ଚତୁଃଦିବସୀୟ ଦିବ୍ୟଜୀବନ ସଂଘ ସମ୍ମିଳନୀ, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଲୋକନୃତ୍ୟ ଲୋକସଙ୍ଗୀତ ମହୋତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ରାମଲୀଳା ନାଟକ ପରିବେଷଣ, ବେଣୁପୁର ରାମଲୀଳା ପଡ଼ିଆ, ରାତି ସାଢେ ୧୧ଟା।
- ରାମଲୀଳାର ନାଟକ ରାମ ବନବାସ, କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ, ରାତି ୧୧ଟା ୩୦।
- ରାମଲୀଳାର ନାଟକ ତାଡକା ବଧ, ଗୋତଲିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୧ଟା ୩୦।

# ସମବାୟ ଆମ ସଂସ୍କୃତି, ପରମ୍ପରାର ଆଧାର

### ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପ୍ଲାଟିନମ୍ ଜୁବିଲି ସମାରୋହ

ଭୁବନେଶ୍ୱର,୨।୪(ବ୍ୟୁରୋ)

ସମବାୟ ଏକ ଚେତନା, ଯାହା ଆମ ସଂସ୍କୃତି ଓ ପରମ୍ପରାର ଆଧାର। ଆମ ଚିନ୍ତନ ଓ ମନନ ସକଳ କଲ୍ୟାଣ ପାଇଁ ଅଭିପ୍ରେତ। ସମବାୟ ଭାବନା ପିଣ୍ଡଠୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ। ପାରସ୍ପରିକ ଅନୁକୂଳତା ମାଧ୍ୟମରେ ପ୍ରଗତି ସମ୍ଭବ ଏବଂ ସମବାୟ ଏହାର ବାସ୍ତବାୟନ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ରବିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପ୍ଲାଟିନମ୍ ଜୁବିଲି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ସମବାୟ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ବିଗତ ୭୫ ବର୍ଷ ମଧ୍ୟରେ ଏହି କ୍ଷୁଦ୍ର ପ୍ରତିଷ୍ଠାନଟି ବୋଧିଦ୍ରୁମରେ ପରିଣତ ହୋଇଛି। ଏହା କେବଳ ଆମ ରାଜ୍ୟ ନୁହେଁ, ଜାତୀୟ ସ୍ତରରେ ମଧ୍ୟ ସର୍ବୋତ୍କୃଷ୍ଟ ରାଜ୍ୟ ସମବାୟ ବ୍ୟାଙ୍କର ମାନ୍ୟତା ପାଇଛି। ରାଜ୍ୟର କୃଷି ଅର୍ଥନୀତିକୁ ରୂପାନ୍ତରିତ କରିବାରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ଚଢ଼ା ରାଜ୍ୟ ସମବାୟ ବ୍ୟାଙ୍କ ଚାଷୀ ପରିବାରଗୁଡ଼ିକୁ ମହାନ ସେବା ଯୋଗାଇଦେଇଛି ବୋଲି କହିଥିଲେ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି.ପି. ରାଓଦୋରା ସ୍ୱାଗତ ଭାଷଣରେ ରାଜ୍ୟର କୃଷିଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସମବାୟ ବ୍ୟାଙ୍କର ଅବଦାନ ପ୍ରଣିଧାନଯୋଗ୍ୟ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ କଫିଟେବୁଲ୍ ପୁସ୍ତକ '୭୫ବର୍ଷର ଯାତ୍ରା' ଲୋକାର୍ପିତ ହୋଇଥିଲା। ପରେ ଆୟୋଜିତ ଆଲୋଚନାଚକ୍ରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନର ମହାନିର୍ଦ୍ଦେଶକ ଏସ୍.ଏନ୍. ତ୍ରିପାଠୀ 'ସ୍ୱାଧୀନତା ପରେ କୋଅପରେଟିଭ୍ ବ୍ୟାଙ୍କ ବା କୋଅପରେଟିଭ୍ ଋଣ ଦେଉଥିବା ଅନୁଷ୍ଠାନର ଯାତ୍ରା' ପ୍ରସଙ୍ଗରେ ଆଲୋକପାତ କରିଥିଲେ। ନ୍ୟାଶନାଲ ପ୍ରଡକ୍ଟିଭିଟି କାଉନ୍‌ସିଲ୍‌ର ମହାନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ଓଡ଼ିଶାର ସମବାୟ ବ୍ୟାଙ୍କଗୁଡ଼ିକର ପୁନର୍ବିନ୍ୟାସ ଓ ପୁନର୍ଗଠନ ଉପରେ ମତବ୍ୟକ୍ତ କରିଥିଲେ। ସେହିପରି ଆଇଆର୍‌ଏମ୍‌ଏ ନିର୍ଦ୍ଦେଶକ ଡ. ଉମାକାନ୍ତ ଦାଶ, ମୁମ୍ବାଇସ୍ଥିତ ଏନ୍‌ଏଏଫଏସ୍‌ସିଓବିର ପରିଚାଳନା ନିର୍ଦ୍ଦେଶକ ବି. ସୁବ୍ରମଣ୍ୟମ୍ ସମବାୟ ବ୍ୟାଙ୍କ ପରିଚାଳନା ଆଇନଗୁଡ଼ିକର ତର୍ଜମା କରିଥିଲେ। ଆଲୋଚନାଚକ୍ରକୁ ଉତ୍କଳ ବିଶ୍ୱବିଦ୍ୟାଳୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଚେୟାରର ପ୍ରଫେସର ଡ. ବରେନ୍ଦ୍ର କୁମାର ଭୋଇ ସଞ୍ଚାଳନ କରିଥିଲେ।


ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

## ଜିଦ୍‌ରେ ଅଟଳ ଆନ୍ଦୋଳନରତ ଶିକ୍ଷକ

ଭୁବନେଶ୍ୱର,୨।୪(ବ୍ୟୁରୋ): ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଦୁଇଦିନ ହେଲା ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଜାରି ରହିଛି। ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସତ୍ତ୍ୱେ ରାଜ୍ୟର ୧୮ ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଏହି ସୁବିଧାରୁ ବଞ୍ଚିତ ହେବା ପ୍ରତିବାଦରେ ସାରା ରାଜ୍ୟରୁ ଶିକ୍ଷକ ଏକାଠି ହୋଇଛନ୍ତି। ବିଭିନ୍ନ ବିଦ୍ୟାଳୟରୁ ୨୫୦ ଅଧିକ ଶିକ୍ଷକ ରବିବାର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସହ ବାରମ୍ବାର ଆଲୋଚନା ସହ ଦାବିପତ୍ର ପ୍ରଦାନ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ତେଣୁ ଏଣିକି ଆଲୋଚନା ନୁହେଁ, ବରଂ ସିଧାସଳଖ ସ୍ଥାୟୀ ନିଯୁକ୍ତି ପ୍ରଦାନ ନେଇ ବିଜ୍ଞପ୍ତି ପ୍ରକାଶ ଦାବିରେ ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକ ଅଡ଼ିବସିଛନ୍ତି। ଅହୋରାତ୍ର ଧାରଣାରେ ବସିଥିବା ଶିକ୍ଷକମାନେ ସେମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗ କରିବା ସହ ନାରାବାଜି କରିଛନ୍ତି। ଅନ୍ୟପଟେ ସମାନ ଦାବି ନେଇ ଓଡ଼ିଶା ସରକାରୀ ସିବିଟି ଶିକ୍ଷକ ସଂଘ ସୋମବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୂଚନା ରହିଛି।

# ର‍୍ୟାମ୍ପ୍‌ରେ ଚାଲିଲେ, ଦକ୍ଷତା ଦେଖାଇଲେ


କାର୍ଯ୍ୟକ୍ରମରେ ଅଟିଜିମ୍ ପିଲାମାନେ ର‍୍ୟାମ୍ପ୍‌ରେ ଚାଲିବା ସହ ନିଜ ପ୍ରତିଭା ଦେଖାଉଛନ୍ତି।

### ଜୈନ୍ ଫାଉଣ୍ଡେଶନ ପକ୍ଷରୁ ଅଟିଜିମ୍ ସଚେତନତା ଦିବସ

ଭୁବନେଶ୍ୱର, ୨।୪ (ବ୍ୟୁରୋ)

ଅଟିଜିମ୍ ଲକ୍ଷଣଯୁକ୍ତ ପିଲା ବା ବ୍ୟକ୍ତିମାନେ ଯେତିକି ସ୍ୱତନ୍ତ୍ର, ସେତିକି ସମର୍ଥ। ଉଚିତ ଶିକ୍ଷା ଓ ସୁଯୋଗ ମିଳି ପାରିଲେ ସେମାନେ ମଧ୍ୟ ନିଜ ଭିତରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣି ପାରିବେ। ଅଟିଜିମ୍ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଜୈନ୍ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ରବିବାର ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥିଲା। ଫାଉଣ୍ଡେଶନ ପ୍ରତିଷ୍ଠାତା ଗାର୍ଗୀ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଟିଜିମ୍ ପିଲାଙ୍କ ଦ୍ୱାରା ଏକ ର‍୍ୟାମ୍ପ୍ ୱାକ୍ କରାଯାଇଥିଲା। ପିଲାମାନେ ଖୁବ୍ ସୁନ୍ଦର ଭାବେ ସଜେଇ ହେବା ସହ ର‍୍ୟାମ୍ପ୍ ୱାକ୍‌ରେ ନିଜର ପ୍ରତିଭା ଦେଖାଇଥିଲେ। ସେହିପରି ଅଟିଜିମ୍ ପିଲାଙ୍କୁ ଘୃଣା ବା ଭିନ୍ନ ଚକ୍ଷୁରେ ନ ଦେଖି ସାଧାରଣ ପିଲାଙ୍କ ପରି ସେମାନଙ୍କୁ ମଧ୍ୟ ସମାଜରେ ଗ୍ରହଣ କରିବା ବାର୍ତ୍ତା ନେଇ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଫିଲ୍ମ 'ସ୍ୱୀକାର' ପ୍ରଦର୍ଶିତ ହୋଇଥିଲା। ଏହାକୁ ଏକ୍ସଆଇଏମ୍‌ବିର ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଅଟିଜିମ୍‌ର ରଙ୍ଗ ନୀଳ ହୋଇଥିବାବେଳେ ଭଗବାନ କୃଷ୍ଣଙ୍କ ରଙ୍ଗ ମଧ୍ୟ ନୀଳ। ତେଣୁ ଅଟିଜିମ୍ ପିଲାଙ୍କୁ କୃଷ୍ଣଙ୍କ ସହିତ ତୁଳନା କରି ଫାଉଣ୍ଡେଶନର ପ୍ରତିଷ୍ଠାତା ଗାର୍ଗୀ କୃଷ୍ଣ ବେଶ ସାଜି ଏକ ସୁନ୍ଦର ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ୨୭ଜଣ ଅଟିଜିମ୍ ପିଲା ଭାଗ ନେଇଥିଲେ। ସେମାନଙ୍କୁ ୧ମାସ ଧରି ନୃତ୍ୟ, ଗୀତ ସହିତ ର‍୍ୟାମ୍ପୱାକ୍ ନେଇ ଟ୍ରେନିଂ ଦିଆଯାଇଥିଲା। ଏହାବାଦ୍ ବହୁ ସାଧାରଣ ପିଲାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ରାଜଧାନୀରେ ମଧ୍ୟପ୍ରଦେଶ ଚୋର ଗ୍ୟାଙ୍ଗ୍, ୨ ଗିରଫ

ଭୁବନେଶ୍ୱର,୨।୪ (ବ୍ୟୁରୋ)

ରାଜଧାନୀରେ ମଧ୍ୟପ୍ରଦେଶ ଚୋର ଗ୍ୟାଙ୍ଗ୍ ସକ୍ରିୟ ରହିଛି। ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଉକ୍ତ ଗ୍ୟାଙ୍ଗ୍ ସମ୍ପର୍କରେ ସୂଚନା ପାଇଛି। ଏହି ଥାନା ଅନ୍ତର୍ଗତ ମହାଲକ୍ଷ୍ମୀ ବିହାରସ୍ଥିତ ଦତ୍ତାତ୍ରେୟ ହେରିଟେଜ୍ ଆପାର୍ଟମେଣ୍ଟରୁ ୩ଜଣ ଯୁବକ ଚୋରି କରିବାକୁ ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକ ଓ ସିକ୍ୟୁରିଟି ଗାର୍ଡ ଦୁଇଜଣ ଚୋରଙ୍କୁ ଧରି ପୋଲିସ ଜିମା ଦେଇଥିବାବେଳେ ଜଣେ ଖସିଯାଇଥିବା ଜଣାପଡିଛି। ପୋଲିସ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶର ଗୁନା ଥାନା ଅନ୍ତର୍ଗତ ବିଜୟପୁରର ସରୋଜ ସଫେରା (୨୪) ଓ ଅମରନାଥ ସଫେରା (୨୬)। ସୂଚନା ଅନୁସାରେ, ଶନିବାର ସଂଧ୍ୟା ପ୍ରାୟ ୬ଟାରେ ଅଭିଯୁକ୍ତମାନେ ଆପାର୍ଟମେଣ୍ଟର ପଛପଟ ବାଟ ଦେଇ ୧୦୫ ନମ୍ବର ଘରେ ଚୋରି କରିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଜଣେ ମହିଳା ବଡ଼ ପାଟିରେ କାନ୍ଦିବା ସହ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ। ଏହା ଶୁଣି ଆପାର୍ଟମେଣ୍ଟର ଅନ୍ୟ ବାସିନ୍ଦା ଓ ସିକ୍ୟୁରିଟି ଗାର୍ଡ ଘଟଣାସ୍ଥଳକୁ ଆସି ଘେରି ଯାଇଥିଲେ। ଜଣେ ଚୋର ଖସିଯାଇଥିବାବେଳେ ଦୁଇ ଜଣ ଧରାପଡିଯାଇଥିଲେ। ଏନେଇ ଆପାର୍ଟମେଣ୍ଟ ମାଲିକ ସଂଘ ସଭାପତି ଥାନାରେ ଅଭିଯୋଗ କରିଥିଲେ।

## ବରଗଡ଼ରୁ ବଜ୍ରକାପ୍ତା ଉଦ୍ଧାର

### ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଲା ଏସ୍‌ଟିଏଫ୍



ଭୁବନେଶ୍ୱର,(ବ୍ୟୁରୋ)/ପଦ୍ମପୁର,୨।୪(ଡି.ଏନ.ଏ.): ବଜ୍ରକାପ୍ତା ବିକ୍ରି ପାଇଁ ଅପେକ୍ଷା କରିଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ବିଜାଡିହି ଛକରେ ଚଢାଉ କରି ଯୋଜନାକୁ ପଣ୍ଡ କରିଛି। ତେବେ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରୁଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିବା ସହ ସେଠାରୁ ଏକ ଜୀବନ୍ତ ବଜ୍ରକାପ୍ତା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଜିଲାର ପାଇକମାଳ ଥାନା ଅନ୍ତର୍ଗତ ଗଣ୍ଡାପାଲି ଗ୍ରାମର ମହାଦେବ ମୁକଟିଆ। ଜବତ ବଜ୍ରକାପ୍ତାର ଓଜନ ୧୨ କେଜି ହେବ। ଅଭିଯୁକ୍ତ ବଜ୍ରକାପ୍ତାଟିକୁ କେଉଁଠୁ ଆଣିଥିଲେ ଓ କାହାକୁ ବିକ୍ରି କରିବାକୁ ଅପେକ୍ଷା କରିଥିଲେ ତାହାର ଖୋଳତାଡ଼ କରୁଛି ଏସ୍‌ଟିଏଫ୍। ସୂଚନା ଅନୁଯାୟୀ, ଅଭିଯୁକ୍ତ ମହାଦେବ ନିଜ ପାଖରେ ଜୀବନ୍ତ ବଜ୍ରକାପ୍ତା ରଖି ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ଖବର ପାଇବା ପରେ ଚଢ଼ାଉ ପାଇଁ ଏସ୍‌ଟିଏଫ୍ ଯୋଜନା କରିଥିଲା। ଶନିବାର ସନ୍ଧ୍ୟାରେ ପଦ୍ମପୁର ଥାନା ଅନ୍ତର୍ଗତ ବିଜାଡିହି ଛକରେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ବନ ବିଭାଗର ଅଧିକାରୀଙ୍କ ସହାୟତାରେ ଘଟଣାସ୍ଥଳରେ ଲୁଚି ରହି ବଜ୍ରକାପ୍ତା ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ମହାଦେବଙ୍କ ଉପରେ ନଜର ରଖିଥିଲେ। ହେଲେ ଦୀର୍ଘ ସମୟ ଅପେକ୍ଷା କରିବା ପରେ କୌଣସି ଗ୍ରାହକ ନ ଆସିବାରୁ ସେମାନେ ଚାରିପଟୁ ଘେରିଯାଇ ଅଭିଯକ୍ତଙ୍କୁ ଧରିଥିଲେ। ଏହାପରେ ମହାଦେବଙ୍କୁ ଥାନାକୁ ନେଇ ପଚରାଉଚରା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏଥିସହ ଜବତ ବଜ୍ରକାପ୍ତାକୁ ବରଗଡ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌରଭ


@ ଅନିଲ


@ ପ୍ରତିପ୍ରଜ୍ଞା


@ ସ୍ମୃତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଦେଉଛନ୍ତି ଲୋକ କଳାକାର


ଅତିଥିମାନେ ଆଦିବାସୀ ଓ ଲୋକ ସଂଗୀତ ଗବେଷକ ମହେନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରୁଛନ୍ତି।

### ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ

- ଆଦିବାସୀ ଓ ଲୋକ ସଂଗୀତ ଗବେଷକ ମହେନ୍ଦ୍ର ମିଶ୍ର ସମ୍ମାନିତ

ଭୁବନେଶ୍ୱର,୨।୪(ବ୍ୟୁରୋ)

ଆମ ରାଜ୍ୟର କଳା, ସଂସ୍କୃତି ଓ ସ୍ଥାପତ୍ୟ ବିଶ୍ୱବିଦିତ। ସାହସୀ ସାଧବ ପୁଅଙ୍କ ଦେଶ ବିଦେଶକୁ ଯାତ୍ରା ଏସବୁର ପ୍ରଚାର ପ୍ରସାରରେ ସହାୟକ ହୋଇଥିଲା। ଏବେ ଆମ ରାଜ୍ୟକୁ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ଦେବାରେ ଲୋକ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଲୋକକଳା ପ୍ରତି ଆଗାମୀ ପିଢି ମଧ୍ୟରେ ଆସକ୍ତି ରହିଲେ ଆମର ସମୃଦ୍ଧ ଲୋକ କଳା ଓ ଲୋକ ସଙ୍ଗୀତ ଉଜ୍ଜୀବିତ ରହିବ ବୋଲି ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ରବିବାର ଉତ୍କଳ ମଣ୍ଡପଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ୩ ଦିନିଆ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପଣ୍ଡା ଏହା କହିଛନ୍ତି।

ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ଉତ୍କୃଷ୍ଟ କଳା ପାଇଁ ଓଡିଶାର ନାମ ଥିଲା ଉତ୍କଳ। ଲୋକ କଳା, ଲୋକ ସଂଗୀତ ମାଧ୍ୟମରେ ସମଗ୍ର ଓଡ଼ିଆ ଜାତିକୁ ଏକତ୍ରିତ କରିବା, ମନ୍ଦିରମାଳିନୀ ଭୁବନେଶ୍ୱର ସହ ରାଜ୍ୟର ସମସ୍ତ କୀର୍ତ୍ତିରାଜିର ସୁରକ୍ଷା ଓ ସମୃଦ୍ଧିଶାଳୀ କରିବା ସମସ୍ତଙ୍କର ପ୍ରୟାସ ହେବା ଉଚିତ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, କଳାର ମାଟି ଓଡିଶାର ଚାରୁ କଳା, କାରୁକଳା, ବାଲୁକା ଶିଳ୍ପ, ନୃତ୍ୟ, ସଂଗୀତ ଏବଂ ଓଡିଆ ଜାତିର ଅସ୍ମିତାକୁ ଦେଶ ବିଦେଶରେ ପରିଚିତ କରାଇବା ସମସ୍ତଙ୍କର ଦାୟିତ୍ୱ ରହିଛି। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ୫୦ ହଜାର ମଧ୍ୟରୁ ଅଦ୍ୟାବଧି ୪୩ ହଜାର କଳାକାର ସହାୟତା ପାଉଥିବା ସାହୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ରାଜ୍ୟରେ ପ୍ରାୟ ୪୬୧ ପ୍ରକାର ଲୋକକଳା ଚିହ୍ନଟ ହୋଇଛି। ରାଜ୍ୟସ୍ତରରେ ଅନୁମୋଦିତ ଓ ଜନସାଧାରଣଙ୍କ ଦ୍ୱାରା ଏହା ଗ୍ରହଣୀୟ ହେବାର ଆବଶ୍ୟକତା ରହିଛି। ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ମହୋତ୍ସବରେ ୩୦ ଜିଲାରୁ ୩୦୦ କଳାକାର ଯୋଗଦେଇଥିବା କହିଛନ୍ତି। ଏହି ଅବସରରେ ଆଦିବାସୀ ଓ ଲୋକ ସଙ୍ଗୀତ ଗବେଷକ ତଥା ବିଭିନ୍ନ ପୁରସ୍କାରରେ ସମ୍ମାନିତ ମହେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାକୁ ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବାବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଧନ୍ୟବାଦ ଦେଇଥିଲେ। ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବଲାଙ୍ଗୀରର ଘୁଙ୍ଗୁର କଳା ନିକେତନ ତରଫରୁ କୁଠି ଡାଲଖାଇ, ଢେଙ୍କାନାଳର ଅଷ୍ଟଶମ୍ଭୁ ଘଣ୍ଟବାଦ୍ୟ, କୁଆଲ ଅନୁଷ୍ଠାନ ତରଫରୁ ଘଣ୍ଟବାଦ୍ୟ, ଝାରସୁଗୁଡା ରାଇଁଝାଇ ଲୋକନାଚ ଅନୁଷ୍ଠାନ ତରଫରୁ ସମ୍ବଲପୁରୀ ନୃତ୍ୟ(ମାଏଲାଜଡ), କେନ୍ଦୁଝରର ବୀଣାପାଣି କଳା ନିକେତନ ତରଫରୁ ପଲ୍ଲୀନୃତ୍ୟ, ଭଦ୍ରକ ମଦନମୋହନ ଜୀଉ ତରଫରୁ ଢୋଲକ ବାଦ୍ୟ, କଟକ ପଟୁଆର ସଂକୀର୍ତ୍ତନ, ଜଗତ୍‌ସିଂହପୁର ମା ବାସେଳୀ ଘୋଡାନାଚ, ଗଞ୍ଜାମ ବିଶ୍ୱ ଜନନୀ କଳା ପରିଷଦ ପକ୍ଷରୁ ପଶୁନୃତ୍ୟ, କନ୍ଧମାଳ ଡାକୁଲଗୁଇ ନୃତ୍ୟାନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ, ନୂଆପଡା ମା' ଦୁଆରସାନୀ ବଜାସାଲ ଅନୁଷ୍ଠାନ ପକ୍ଷରୁ ବଜାସାଲ ଭଳି ଚିତ୍ତାକର୍ଷକ ଲୋକନୃତ୍ୟ ଓ ସଂଗୀତ ଦର୍ଶକଙ୍କୁ ଶେଷ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଅପରାହ୍ନରେ ସଂକୀର୍ତ୍ତନ, ଘୋଡାନାଚ, ସମ୍ବଲପୁରୀ, ଲଉଡିଖେଳ, କଣ୍ଢେଇ ନୃତ୍ୟ(ରାଜା ରାଣୀ), ରାମ ସୀତା ଆଦି ପାରମ୍ପରିକ ନୃତ୍ୟର ତାଳେ ତାଳେ ଏକ ସାଂସ୍କୃତିକ ଶୋଭାଯାତ୍ରା ରାମ ମନ୍ଦିରଠାରୁ ବାହାରି ଉତ୍କଳ ମଣ୍ଡପ ପର୍ଯ୍ୟନ୍ତ ଆସିଥିଲା।


ମହୋତ୍ସବ ପୂର୍ବରୁ ରାମମନ୍ଦିର ଛକରୁ ବାହାରିଥିବା ସାଂସ୍କୃତିକ ଶୋଭାଯାତ୍ରା।

## ସଂକ୍ଷେପରେ

### ଗାଁ ସମସ୍ୟା ବୁଝିଲେ ବିଧାୟକ

ବାଲିପାଟଣା,୨।୪(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ପଞ୍ଚାୟତର ଚମ୍ପାବସ୍ତ ଗ୍ରାମରେ ରବିବାର ଅନୁଷ୍ଠିତ ଗ୍ରାମସଭାରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବା ସହିତ କୋଠଘର ଓ ପାନୀୟଜଳ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଓ ପାନୀୟଜଳ ଲାଗି ବିଧାୟକ ପାଣ୍ଠିରୁ ତୁରନ୍ତ ଅର୍ଥ ମଞ୍ଜୁର କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା, ବରିଷ୍ଠ ନାଗରିକ ଓ ଯୁବବର୍ଗ ଉପସ୍ଥିତ ଥିଲେ।

### ମୋ ଓଡ଼ିଶା ଦିବସ ୧.୦

ଭୁବନେଶ୍ୱର,୨।୪(ବ୍ୟୁରୋ): କନଫେଡେରେସନ୍ ଅଫ୍ ଇଣ୍ଡିଆ ଇଣ୍ଡଷ୍ଟ୍ରି(ସିଆଇଆଇ)ର ୟଙ୍ଗ ଇଣ୍ଡିଆନସ୍ ପକ୍ଷରୁ ୮୮ତମ ଓଡ଼ିଶା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ମୋ ଓଡ଼ିଶା ଦିବସ ୧.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ରାଜୀବ ଭଟ୍ଟନାଗର, ବିଶାଲ ଡାଲମିଆ, ସୋନାଲ ମୋର ପ୍ରମୁଖ ଉପସ୍ଥିତ ଥିଲେ। ରାଇଡିଂ ଓଡ଼ିଶାର ଇତିହାସ ଏବଂ ଓଡ଼ିଶା@୨୦୪୭ ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ୧୨ଜଣଙ୍କୁ ସମ୍ମାନିତ କରଯାଇଥିଲା।

### ପତ୍ରିକା 'ଜ୍ଞାନ ପ୍ରକାଶ'ର ସପ୍ତମ ବାର୍ଷିକ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨।୪(ବ୍ୟୁରୋ)- ଶିକ୍ଷାଭିତ୍ତିକ ପତ୍ରିକା 'ଜ୍ଞାନ ପ୍ରକାଶ'ର ସପ୍ତମ ବାର୍ଷିକ ଜାତୀୟ ସମ୍ମିଳନୀ ରବିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ଜ୍ଞାନଚାନ୍ଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୂର୍ବତନ ଅଗ୍ନିଶମ ବିଭାଗ ମୁଖ୍ୟ ତଥା ଅଗ୍ରଣୀ ଆଗ୍ନିକ ମହେଶ୍ୱର ସାଇଁ ଯୋଗଦେଇ ନିଷ୍ଠା ଥିଲେ ପ୍ରତିଷ୍ଠା ମିଳେ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ମେହେର, ନୀତିଶ ସିହ୍ନା, ଚିତ୍ତରଞ୍ଜନ ପାଣିଗ୍ରାହୀ, ଲକ୍ଷ୍ମୀଧର ବେହେରା ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଅତିଥିଭାବେ ଯୋଗଦେଇ ଭାଷା, ସାହିତ୍ୟ, ସଂସ୍କୃତି ଓ ଭାରତୀୟ ଶିକ୍ଷା ପରମ୍ପରା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡ.ହିମାଦ୍ରୀ ତନୟା ମିଶ୍ର ଶ୍ରୀଜଗନ୍ନାଥାଷ୍ଟକ ପରିବେଷଣ କରିଥିବା ବେଳେ ଡ.ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। 'ଜ୍ଞାନପ୍ରକାଶ'ର ସମ୍ପାଦକ ସରୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ଲେଖିକା ଅମ୍ବିକା ସାଇଁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଜ୍ଞାନ ପ୍ରକାଶର ସତନ୍ତ୍ର ସଂଖ୍ୟା ସହ ପୁସ୍ତକ ଲୋକାର୍ପିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ନୂଆଦିଲ୍ଲୀ, ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶରୁ ଆସିଥିବା ବିଦ୍ୱାନ ବକ୍ତବ୍ୟ ପ୍ରଦାନ କରିଥିଲେ। ନିରୂପମା ପତି ଧନ୍ୟବାଦ ଦେଇଥିଲେ ।

### ନରଣପୁର ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାରଙ୍ଗ,୨।୪(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁର ଖେଳପଡିଆରେ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଜୁନିୟର ବିଭାଗରେ ଗୋପାଳପୁର ଚାମ୍ପିୟନ ହୋଇଥିବାବେଳେ ସିନିୟରରେ ବିଡାନାସୀ ଚାମ୍ପିୟନ ହୋଇଛି। ଜୁନିୟର ଫାଇନାଲ ମ୍ୟାଚ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ସହିତ ଜୟତାରିଣୀ କ୍ଲବ ଗୋପାଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ୧-୦ ଗୋଲରେ ଚାମ୍ପିୟନ ହୋଇଛି। ସେହିପରି ସିନିୟରବିଭାଗର ଫାଇନାଲ ମ୍ୟାଚ ବିଡାନାସୀ ମର୍ନିଂ ସହିତ ରେଭେନ୍ସା ମର୍ନିଂ ମଧ୍ୟରେ ହୋଇଥିଲା। ଏଥିରେ ବିଡାନାସୀ ୭-୬ ଟ୍ରେଇ ବ୍ରେକରରେ ଚାମ୍ପିୟନ ହୋଇଛି। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ି ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ସଭାରେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ ଟିମକୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସୁରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ, ରଞ୍ଜନ ସାହୁ, ଧୀରେନ୍ଦ୍ର ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ଦିନେଶ ରଞ୍ଜନ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସୁବ୍ୟବସ୍ଥିତ ହେବ ଶ୍ରୀମନ୍ଦିର ଆନନ୍ଦ ବଜାର



■ ପ୍ରଶାସନ ସହ ଆଲୋଚନା କଲା ସୁଆର ମହାସୁଆର ନିଯୋଗ
■ ନିର୍ଦ୍ଧାରଣ ହେବ ଅବଢ଼ା ମୂଲ୍ୟ, ଟଙ୍ଗାଯିବ ଦର ତାଲିକା

ପୁରୀ ଅଫିସ, ୨।୪:

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଏବେ ତତ୍ପରତା ପ୍ରକାଶ ପାଇଛି। ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିବା ପରେ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ଆସିପାରିବ ସେନେଇ ପୁରୀ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂହଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରି କିଭଳି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ପଦକ୍ଷେପ ନେବାକୁ ନିଯୋଗ ପକ୍ଷରୁ ଆଲୋଚନା କରାଯାଇଛି। ସେପଟେ ଆନନ୍ଦ ବଜାରରେ ମହାପ୍ରସାଦର ଦର ତାଲିକା ଟଙ୍ଗାଯାଇ ନ ଥିବାରୁ ଭକ୍ତମାନେ ଶୋଷଣର ଶିକାର ହେଉଛନ୍ତି। ଏହି ଆଲୋଚନା ପରେ ଆନନ୍ଦ ବଜାରରେ ଦୈନନ୍ଦିନ ସ୍ଥିତି ପରଖିବା ନେଇ ନିଯୋଗ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ରଖାଯିବା ନେଇ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରିଥାନ୍ତି। ତେବେ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରୟ ନେଇ ଅନେକ ଅବ୍ୟବସ୍ଥା ଥିବାରୁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଥାନ୍ତି। ଏବେ ଏହାର ନିରାକରଣ ପାଇଁ ସୁଆର ମହାସୁଆର ନିଯୋଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଆନନ୍ଦବଜାରକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବର୍ମା କହିଛନ୍ତି।

ଶ୍ରୀମନ୍ଦିର ସଂସ୍କାର ମାମଲାରେ ୨୦୧୯ ମସିହାରେ ସୁପ୍ରିମକୋର୍ଟ ଦେଇଥିବା ଏକ ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ, ଆନନ୍ଦବଜାରରେ ମହାପ୍ରସାଦ ଦର ତାଲିକା ଉଲ୍ଲେଖ କରାଯିବା କଥା। କିନ୍ତୁ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଦର ତାଲିକା ଟଙ୍ଗାଯାଉନାହିଁ କି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସୁଲଭ ଦରରେ ଅବଢ଼ା ପାଇବାରୁ ଭକ୍ତମାନେ ବଞ୍ଚିତ ହେଉଛନ୍ତି। ସୁପ୍ରିମକୋର୍ଟଙ୍କ ନିୟମର ଉଲ୍ଲଂଘନ ହେଉଛି। ପ୍ରତିଦିନ ଶ୍ରୀମନ୍ଦିରକୁ ଲକ୍ଷାଧିକ ସଂଖ୍ୟାରେ ଭକ୍ତମାନେ ଆସି ରତ୍ନସିଂହାସନରେ ମହାପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ପାଇଥାନ୍ତି। କାଣିଚାଏ ମହାପ୍ରସାଦ ପାଇବାକୁ ସବୁବେଳେ ଭକ୍ତର ମନ ବ୍ୟାକୁଳ ହୋଇଥାଏ। କିନ୍ତୁ ଏବେ ମହାପ୍ରସାଦ କ୍ରୟରେ ଅନିୟମିତତା ଦେଖିବାକୁ ମିଳୁଛି। ନିର୍ଦ୍ଧାରିତ ଦରଠାରୁ ଚଢ଼ା ଦରରେ ମହାପ୍ରସାଦ ବିକ୍ରି କରାଯାଉଛି। ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ମହାପ୍ରସାଦର ଦର ନିର୍ଦ୍ଧାରଣ ପାଇଁ ଦୁଇ ଦୁଇଥର ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ସଫଳ ହୋଇପାରିନାହିଁ। ସେପଟେ ଖୁବଶୀଘ୍ର ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ତାଲିକା ଟଙ୍ଗାଯିବା ସହିତ ଆଗାମୀ ଦିନରେ ଭକ୍ତ କିଭଳି ସୁଲଭ ଦରରେ ପାଇବେ ସେ ନେଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୁଆରମହାସୁଆର ନିଯୋଗ ସମ୍ପାଦକ କହିଛନ୍ତି। ଅନ୍ୟପଟେ ମହାପ୍ରସାଦ ପାଇଁ ନିର୍ଦ୍ଧାରିତ ଦର ସୁଲଭ ମୂଲ୍ୟରେ ଲାଗୁ ନ କରାଗଲେ ଅଗଣିତ ଜଗନ୍ନାଥପ୍ରେମୀଙ୍କ ବିଶ୍ୱାସ ପ୍ରତି କୁଠାରାଘାତ ହେବ। ସେଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବାକୁ ସାଧାରଣରେ ଦାବି ହେଉଛି।

# ପଠାଣି ସାମନ୍ତଙ୍କ ଜନ୍ମପୀଠର ରୂପାନ୍ତରଣ ହେଉ



ନୟାଗଡ଼ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

## ରାଜଧାନୀରେ ନୟାଗଡ଼ ଦିବସ

ଭୁବନେଶ୍ୱର,୨।୪(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ଐତିହ୍ୟସ୍ଥଳ, ମନ୍ଦିର ଓ ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମପୀଠର ରୂପାନ୍ତରଣ କାର୍ଯ୍ୟ ଚାଲିଥିବାବେଳେ ଭାରତ ତଥା ବିଶ୍ୱସ୍ତରରେ ଓଡ଼ିଶା ପାଇଁ ପରିଚୟ ସୃଷ୍ଟି କରିଥିବା ବିସ୍ମୟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମପୀଠ ଅବହେଳିତ ହୋଇ ପଡ଼ିରହିଛି। ଖଣ୍ଡପଡ଼ାଠାରେ ଥିବା ପଠାଣି ସାମନ୍ତଙ୍କ ଜନ୍ମପୀଠର ରୂପାନ୍ତରଣ ହେଉ ବୋଲି ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସ ବା ନୟାଗଡ଼ ଦିବସ ପାଳନ ଅବସରରେ କଥାକାର ଓ ଶିଶୁ ସାହିତ୍ୟିକ ଦାଶ ବେନହୁର କହିଛନ୍ତି। ସାମନ୍ତଙ୍କ ମୃତ୍ୟୁର ୧୨୦ ବର୍ଷ ବିତି ଯାଇଥିବାବେଳେ ତାଙ୍କ ବାସସ୍ଥାନ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ସେଠାରେ ଏକ ଭବ୍ୟ ସ୍ମାରକୀ ନିର୍ମାଣ ପାଇଁ ସରକାରଙ୍କ ପାଖରେ ମଞ୍ଚ ଦୃଢ଼ ଦାବି କରୁ ବୋଲି ସେ ପରାମର୍ଶ ଦେଇଥିଲେ। ରବିବାର ସ୍ଥାନୀୟ ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥି ପ୍ରେମାନନ୍ଦ ମହାପାତ୍ର ନୟାଗଡ଼ ଜିଲାର ୪ ଗଡ଼ଜାତର ଇତିହାସ ଓ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରସ୍ତକାର ଓ ଲେଖକ ଜାନକୀଶ ବଡ଼ପଣ୍ଡା ଭୁବନେଶ୍ୱରରେ ନୟାଗଡ଼ ଏକାଠି ହେବା ପାଇଁ ଏକ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ସମାଜସେବୀ ନିବେଦିତା ଲେଙ୍କା ନୟାଗଡ଼ ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ସଭିଏ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। କଥାକାର ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ସାମ୍ବାଦିକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅମରେଶ ଚନ୍ଦ୍ର ଦାସ, ସୁବ୍ରତ କୁମାର ନାୟକ, ଅଭିଳାଷ ପଣ୍ଡା, ଆଶିଷ କୁମାର ରଥ, ସତ୍ୟେନ୍ଦୁ ଶେଖର ମିଶ୍ର, ସୁଧାଂଶୁ ଶେଖର ସାହୁ, ରାଜକିଶୋର ଡାକୁଆ ଓ ପ୍ରତ୍ୟୁଷ ଦେବାଶିଷ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଭୁବନେଶ୍ୱରରେ ରହୁଥିବା ୫୦ରୁ ଅଧିକ ନୟାଗଡ଼ ବାସିନ୍ଦା ଏହି ଉତ୍ସବରେ ଯୋଗଦେଇଥିଲେ। ଏପ୍ରିଲ ୧୧ରେ ଭୁବନେଶ୍ୱରରେ ଦ୍ୱିତୀୟ ଛେନାପୋଡ଼ ଦିବସ ପାଳନ ହେବା ପାଇଁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଥିଲା।

# ପାରଦର୍ଶୀ ପୋର୍ଟାଲରେ ତ୍ରୁଟି, ଅଭିଭାବକଙ୍କ କ୍ଷୋଭ



ଅଭିଭାବକମାନେ ସୂଚନା ଭବନ ଆଗରେ ପ୍ରତିବାଦ କରୁଛନ୍ତି ।

■ ଆଜି ବିଭାଗୀୟ ସଚିବଙ୍କୁ ଦାବିପତ୍ର
■ ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨।୪(ବ୍ୟୁରୋ)

ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ଶିକ୍ଷାଧିକାର କ୍ଷୁଣ୍ଣ ହେଉଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ ଆଣିବା ସହ କ୍ଷୋଭ ପ୍ରକାଶ କରିଛି। ଶିକ୍ଷାଧିକାର ଆଇନ ଅଧୀନରେ ବେସରକାରୀ ସ୍କୁଲରେ ୨୫ ପ୍ରତିଶତ ଆସନରେ ନାମ ଲେଖାଇବା ପାଇଁ ପାରଦର୍ଶୀ ପୋର୍ଟାଲ ଖୋଲିଛି। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ଦେଖାଦେଉଥିବା ମହାସଂଘ କହିଛି। ନାମଲେଖା ଆବେଦନ ପାଇଁ ମାର୍ଚ୍ଚ ୧୩ରେ ପୋର୍ଟାଲ ଖୋଲିଥିଲେ ମଧ୍ୟ ଆବେଦନକାରୀଙ୍କ ନିକଟବର୍ତ୍ତୀ ବିଦ୍ୟାଳୟ ନାମ ଏଥିରେ ଦେଖାଇ ନ ଥିଲା। ଅନେକ ଅଭିଭାବକ ଏହି ଯୋଜନାରେ ନିଜ ପିଲାଙ୍କ ନାମଲେଖା ପାଇଁ ଅପେକ୍ଷାରେ ଥିଲେ ମଧ୍ୟ ଏପରି କେତେକ ତ୍ରୁଟି କାରଣରୁ ଅନେକ ପଞ୍ଜୀକରଣ କରିପାରି ନ ଥିଲେ। ଅନ୍ୟପଟେ ପୋର୍ଟାଲରେ ପୂର୍ବବର୍ଷ ପରି ନର୍ସରୀ ଶ୍ରେଣୀର ନାମ ଲେଖା ପାଇଁ ବ୍ୟବସ୍ଥା ଉପଲବ୍ଧ ନାହିଁ। ଏପରି ଗୁରୁତର ତ୍ରୁଟି ଯୋଗୁ ଅଭିଭାବକମାନେ ନିକଟସ୍ଥ ସହଜ ସେବା କେନ୍ଦ୍ରରେ ରେଜିଷ୍ଟ୍ରେଶନ କରିବାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବା ସହିତ ହତାଶ ହୋଇପଡ଼ିଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୮ହଜାର ୭୦୦ ପିଲା ପଞ୍ଜୀକରଣ କରିଥିଲେ ମଧ୍ୟ ଅନେକ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିନାହାନ୍ତି। ଏହି ଅବ୍ୟବସ୍ଥା ଦୂର କରିବା ଦାବିରେ ରବିବାର ଶତାଧିକ ଅଭିଭାବକ ସୂଚନା ଭବନ ସମ୍ମୁଖରେ ଏକାଠି ହୋଇଥିଲେ। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ସମେତ ଭୁବନେଶ୍ୱରର ପ୍ରାୟ ୩ଶହରୁ ଅଧିକ ଅଭିଭାବକ ଯୋଗଦେଇ ବିଭିନ୍ନ ତ୍ରୁଟି ଥିବା ଅଭିଯୋଗ କରିଥିଲେ। ଆସନ ଖାଲି ଖାଲି ଥାଇ ମଧ୍ୟ ଆଲର୍ଟ କରାଯିବା, ବନ୍ଦ ଥିବା ସ୍କୁଲର ନାମ ପୋର୍ଟାଲରେ ଦେଖାଇବା ଓ ସ୍କୁଲ ଦାବି କରୁଥିବା ଦେୟ ଉପରେ ଆଲୋଚନା ହୋଇଥିଲା। ଏହାସହ ନିଃଶୁଳ୍କ ବହି, ୟୁନିଫର୍ମ ଓ ଜୋତା ପ୍ରଦାନ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଏନେଇ ଅଭିଯୋଗପତ୍ର ଦିଆଯିବ ବୋଲି ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ ୯ ତାଳାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ରଶ୍ମି ରଞ୍ଜନ କାନୁନ୍‌ଗୋ, ଆବାହକ କଳ୍ପନା ସାହୁ, ପ୍ରଦୀପ ରାଉତ, ଅନୁକୂଳ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଏଟିଏମ୍ କାଟି ନେଇଗଲେ ୩୧ ଲକ୍ଷ

ଖୋର୍ଦ୍ଧା ଅଫିସ,୨।୪:

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ କାଟି ଲୁଟେରାମାନେ ୩୧ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୨/୨୩)ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ସେଥିରେ ଥିବା ଟଙ୍କା ଲୁଟିନେଇଛନ୍ତି। ଶନିବାର ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ବିଦିତା ନାୟକ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଏଟିଏମ୍ ଆଖପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ କେତେ ଟଙ୍କା ଲୁଟ୍ ହୋଇଛି ତା'ର ପର୍ଦ୍ଦାଫାଶ କରାଯିବ। ସୂଚନାଥାଉ କି, କିଛିଦିନ ପୂର୍ବେ ତାପଙ୍ଗ, ମଳିପଡା, ଧଉଳିମୁହଁ ଆଦି ଅଞ୍ଚଳର ଏକାଧିକ ମନ୍ଦିରରୁ ଚୋରି ହୋଇଥିଲା। ଏପରିକି ରାଜପଥର ମଳିପଡା, ତାପଙ୍ଗ ଛକରେ କେତେଜଣ ଲୁଟେରା ଲୁଟପାଟ କରୁଥିବା ଅଭିଯୋଗ ହୋଇଛି। ପୋଲିସ ପାଟ୍ରୋଲିଂ ଢିଲା ଯୋଗୁ ଲୁଟେରା ଗ୍ୟାଙ୍ଗ ମାତିଥିବା ସାଧାରଣ ଅଭିଯୋଗ ହେଉଛି।

# ନିଷ୍ଠା, ସମର୍ପଣ, ଆଧ୍ୟାତ୍ମିକତା ସଫଳତା ଦେଇଥାଏ



ସମ୍ମିଳନୀରେ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ ।

## ଦିବ୍ୟଜୀବନ ସଂଘର ସମ୍ମିଳନୀ

ଭୁବନେଶ୍ୱର,୨।୪(ବ୍ୟୁରୋ)

ଦିବ୍ୟଜୀବନ ସଂଘର ୪ଦିନିଆ ସମ୍ମିଳନୀ ରବିବାର ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଏମ୍‌ପି ତଥା ସ୍କୁଲ ଡେଭଲପମେଣ୍ଟ କମିଟି ଉପାଧ୍ୟକ୍ଷ ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ, ଆର୍ଯ୍ୟ ସମାଜ ଓଡ଼ିଶାର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜା, ସ୍ୱାମୀ ଧର୍ମପ୍ରକାଶାନନ୍ଦ ସରସ୍ୱତୀ ମହାରାଜ ଓ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇଥିଲେ। ଗଜପତି ମହାରାଜ ଦିବ୍ୟସିଂହ ଦେବ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ଉଦ୍‌ବୋଧନ ଦେଇଥିଲେ। ନିଷ୍ଠା, ସମର୍ପଣ ସହ ଆଧ୍ୟାତ୍ମିକତା ମଣିଷକୁ ସଫଳତା ଦେଇଥାଏ। ମନଖୋଲା କରି ଭଲପାଆନ୍ତୁ। ସାହାଯ୍ୟ କରନ୍ତୁ। ଦେଖିବେ ସର୍ବଦା ପରମାନନ୍ଦ ସହାୟ ହେବେ। ମଣିଷ କି ନାଁ ବଡ଼ ନୁହେଁ, କାମ ସବୁଠୁ ବଡ଼। ତେଣୁ ଯେତେ ପାରୁଛନ୍ତି ଭଲ କାମ କରି ଚାଲନ୍ତୁ। ସେବାକୁ ବ୍ରତ ଓ ଜୀବନର ମନ୍ତ୍ର ଭାବି ନେଇ ଆଗେଇ ଚାଲିବାକୁ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଭଜନ ଓ ଦିବ୍ୟଜୀବନ ସଂଘର ଧ୍ୱଜା ଉତ୍ତୋଳନ, ବେଦମନ୍ତ୍ର ପାଠ, ମହାପ୍ରଭୁ ଓ ଗୁରୁଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ବେଦ ପାଠ ହୋଇଥିଲା। ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ ସାଧୁସନ୍ଥ ଓ ଅତିଥି ପରିଚୟ ଦେଇଥିଲେ। ଆବାହକ ଏସ. ଏନ. ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ।

# ଅଟୋ ଭିତରେ ଯୁବକଙ୍କ ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ

■ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସର ଛାନଭିନ
■ ଚାଳକ ତଥା ସୁରକ୍ଷାକର୍ମୀଙ୍କୁ ପୋଲିସର ପଚରାଉଚରା

ଭୁବନେଶ୍ୱର,୨।୪ (ବ୍ୟୁରୋ) :
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଶନିବାର ଅଟୋ ଭିତରୁ ଜଣେ ଯୁବକଙ୍କ ମୃତଦେହ ମିଳିବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏଯାବତ ତାଙ୍କର ପରିଚୟ ମିଳିପାରିନାହିଁ। ଯୁବକଙ୍କ ମୃତ୍ୟୁ କିଭଳି ହେଲା ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ପୋଲିସ ଅପମୃତ୍ୟୁ ମାମଲା (୨୨/୨୩) ରୁଜୁକରି ମୃତଦେହ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଗାଡି ଚାଳକ ତଥା ବିଶ୍ୱବିଦ୍ୟାଳୟର ସୁରକ୍ଷାକର୍ମୀ କାର୍ତ୍ତିକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରି ଛାଡି ଦେଇଥିବା ଜଣାପଡିଛି। ଏନେଇ ଥାନା ଅଧିକାରୀ ମନୋଜ ଶତପଥୀ କହିଛନ୍ତି, ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଏଥିସହ ସିସିଟିଭି ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି। ପୋଲିସ ସୂଚନାନୁସାରେ, ମୃତ ଯୁବକଙ୍କୁ କଲେଜର ସୁରକ୍ଷାକର୍ମୀ ତଥା ଅଟୋ ଚାଳକ ଶନିବାର ସନ୍ଧ୍ୟାରେ ରମାଦେବୀ କଲେଜ ଆଗରୁ ବସାଇଥିଲେ। ଏହାପରେ କ୍ୟାମ୍ପସ ପରିସରକୁ ନେଇଯାଇଥିଲେ। ଯୁବକଜଣକ ଅଟୋରେ ଥିବା ବେଳେ ସୁରକ୍ଷାକର୍ମୀ ଡ୍ରେସ ବଦଳାଇ ପୁଣି ଅଟୋ ପାଖକୁ ଆସି ତାଙ୍କୁ ଡାକିଥିଲେ। ହେଲେ ସେ କୌଣସି ଉତ୍ତର ଦେଇନଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସୁରକ୍ଷାକର୍ମୀଙ୍କୁ ଥାନାକୁ ଆଣିଥିଲା। ତେବେ କ୍ୟାମ୍ପସ ପରିସରକୁ କେମିତି ଜଣେ ଅଜଣା ଯୁବକଙ୍କୁ ନେଇ ଯାଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣେ ସାହିତ୍ୟ ପତ୍ରିକା'

## ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ

■ ହରିହର ମିଶ୍ର ପାଇଲେ ସତ୍ୟବାଦୀ ସାରସ୍ୱତ ସମ୍ମାନ



ସମାରୋହରେ ଅତିଥିମାନେ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି ।

କଟକ ଅଫିସ,୨।୪:

ଲୋକସେବକ ମଣ୍ଡଳ ଦ୍ୱାରା ପରିଚାଳିତ ମାସିକ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁଣେ ଆଞ୍ଚଳିକ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶରଣ କୁମାର ଲିମ୍ବାଲେ ଯୋଗଦେଇ ଜଣେ ଲେଖକଙ୍କୁ ସମ୍ମାନ କରିବା, ସାହିତ୍ୟ ଭାଷା ଓ ସଂସ୍କୃତିକୁ ସମ୍ମାନ କରିବା ସଦୃଶ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ନୂଆଦିଲ୍ଲୀ ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ କହିଥିଲେ, ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବାର ସୁଯୋଗ କେବଳ ସାହିତ୍ୟ ପତ୍ରିକା ହିଁ ଦେଇଥାଏ। ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା ସମାଜ ଓ ସତ୍ୟବାଦୀର ସମ୍ପାଦକ ନିରଞ୍ଜନ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଫେସର ହରିହର ମିଶ୍ରଙ୍କୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କା ସହ ଉପଢୌକନ ଓ ମାନପତ୍ର ଦିଆଯାଇଥିଲା। ସେହିପରି ପ୍ରବନ୍ଧରେ ଶ୍ରୀଶ ପଟେଲ, ଗଳ୍ପରେ ସୀତେଶ ତ୍ରିପାଠୀ, କବିତାରେ ସୌଭାଗ୍ୟବନ୍ତ ମହାରଣା, ଶିଶୁ ସାହିତ୍ୟ କବିତାରେ ପ୍ରଶାନ୍ତ କୁମାର ନାଥ ଓ ଶିଶୁ ସାହିତ୍ୟ ଗଳ୍ପରେ ଅଶୋକ କୁମାର ପ୍ରଧାନଙ୍କୁ ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସତ୍ୟବାଦୀର ବାର୍ଷିକ ସଂଖ୍ୟା ସମେତ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଲୋକସେବକ ମଣ୍ଡଳର ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜର ମହାପ୍ରବନ୍ଧକ ଶିବରାମ ମିଶ୍ର ବକ୍ତବ୍ୟ ଦେଇଥିଲେ। ଉପମୁଖ୍ୟ ସହ-ସମ୍ପାଦିକା ମମତା ବିଶୋଇ, ପ୍ରତିମା ପାଲ, ଜ୍ୟୋତିର୍ମୟୀ ଦାସ ପ୍ରମୁଖ ମାନପତ୍ର ପାଠ କରିଥିଲେ। ବରିଷ୍ଠ କାର୍ଟୁନିଷ୍ଟ ଜ୍ଞାନ ରଥଙ୍କ ଦ୍ୱାରା ଅଙ୍କିତ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀ ହୋଇଥିଲା। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପାରଦର୍ଶୀ ପୋର୍ଟାଲରେ ତ୍ରୁଟି, ଅଭିଭାବକଙ୍କ କ୍ଷୋଭ

ଭୁବନେଶ୍ୱର,୨।୪(ବ୍ୟୁରୋ): ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ଶିକ୍ଷାଧିକାର କ୍ଷୁଣ୍ଣ ହେଉଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ ଆଣିବା ସହ କ୍ଷୋଭ ପ୍ରକାଶ କରିଛି। ଶିକ୍ଷାଧିକାର ଆଇନ ଅଧୀନରେ ବେସରକାରୀ ସ୍କୁଲରେ ୨୫ ପ୍ରତିଶତ ଆସନରେ ନାମ ଲେଖାଇବା ପାଇଁ ପାରଦର୍ଶୀ ପୋର୍ଟାଲ ଖୋଲିଛି। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ଦେଖାଦେଉଥିବା ମହାସଂଘ କହିଛି। ନାମଲେଖା ଆବେଦନ ପାଇଁ ମାର୍ଚ୍ଚ ୧୩ରେ ପୋର୍ଟାଲ ଖୋଲିଥିଲେ ମଧ ଆବେଦନକାରୀଙ୍କ ନିକଟବର୍ତ୍ତୀ ବିଦ୍ୟାଳୟ ନାମ ଏଥିରେ ଦେଖାଇ ନ ଥିଲା। ଅନେକ ଅଭିଭାବକ ଏହି ଯୋଜନାରେ ନିଜ ପିଲାଙ୍କ ନାମଲେଖା ପାଇଁ ଅପେକ୍ଷାରେ ଥିଲେ ମଧ ଏପରି କେତେକ ତ୍ରୁଟି କାରଣରୁ ଅନେକ ପଞ୍ଜୀକରଣ କରିପାରି ନ ଥିଲେ। ଅନ୍ୟପଟେ ପୋର୍ଟାଲରେ ପୂର୍ବବର୍ଷ ପରି ନର୍ସରୀ ଶ୍ରେଣୀର ନାମ ଲେଖା ପାଇଁ ବ୍ୟବସ୍ଥା ଉପଲବ୍ଧ ନାହିଁ। ଏପରି ଗୁରୁତର ତ୍ରୁଟି ଯୋଗୁ ଅଭିଭାବକମାନେ ନିକଟସ୍ଥ ସହଜ ସେବା କେନ୍ଦ୍ରରେ ରେଜିଷ୍ଟ୍ରେଶନ କରିବାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବା ସହିତ ହତାଶ ହୋଇପଡ଼ିଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୮ହଜାର ୭୦୦ ପିଲା ପଞ୍ଜୀକରଣ କରିଥିଲେ ମଧ ଅନେକ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିନାହାନ୍ତି। ଏହି ଅବ୍ୟବସ୍ଥା ଦୂର କରିବା ଦାବିରେ ରବିବାର ଶତାଧିକ ଅଭିଭାବକ ସୂଚନା ଭବନ ସମ୍ମୁଖରେ ଏକାଠି ହୋଇଥିଲେ। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ସମେତ ଶତାଧିକ ଅଭିଭାବକ ଯୋଗଦେଇ ବିଭିନ୍ନ ତ୍ରୁଟି ଥିବା ଅଭିଯୋଗ କରିଥିଲେ। ଦାବି ପୂରଣ ନ ହେଲେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ରଶ୍ମି ରଞ୍ଜନ କାନୁନ୍‌ଗୋ, ଆବାହକ କଳ୍ପନା ସାହୁ, ପ୍ରଦୀପ ରାଉତ, ଅନୁକୂଳ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ମୁଖ୍ୟ ଚିକିତ୍ସାଳୟରେ ସଫେଇ, ଫଳ ବଣ୍ଟନ

**ଖୋର୍ଦ୍ଧା ଅଫିସ,୨।୪:** ଓଡ଼ିଶା ଦିବସ ଉପଲକ୍ଷେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ୍ୱାୟୁଡବ୍ଲ୍ୟୁଜେ) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପରିସରରେ ସଫେଇ ଓ ଫଳ ବଣ୍ଟନ କରାଯାଇଛି। ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତି ମହାପାତ୍ର, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଭାରପ୍ରାପ୍ତ ଏଡିଏମ୍‌ଓ ଡା. ଶ୍ୟାମା ପ୍ରସନ୍ନ ମିତ୍ର, ହସ୍‌ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ ଏବଂ ସଙ୍ଗୀତା ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ପୂର୍ବତନ ସଭାପତି ଶିଶିର କୁମାର ପରିଡ଼ା, ଭାଜପା ନେତା କାଳୁଚରଣ ଖଣ୍ଡେଇତରାୟ, ଓ୍ୱାୟୁଡବ୍ଲ୍ୟୁଜେ ଜିଲା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଲଳିତ ମୋହନ ମହାପାତ୍ର ପ୍ରମୁଖ ରୋଗୀ ଏବଂ ସମ୍ପର୍କୀୟଙ୍କୁ ଫଳ ବଣ୍ଟନ କରିଥିଲେ।

# ସୁବ୍ୟବସ୍ଥିତ ହେବ ଶ୍ରୀମନ୍ଦିର ଆନନ୍ଦ ବଜାର

**ପୁରୀ ଅଫିସ, ୨।୪**

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଏବେ ତତ୍ପରତା ପ୍ରକାଶ ପାଇଛି। ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିବା ପରେ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ଆସିପାରିବ ସେନେଇ ପୁରୀ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏବଂ ଏସ୍‌ପି କନ୍‌ଓ୍ୱର ବିଶାଲ ସିଂହଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରି କିଭଳି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ପଦକ୍ଷେପ ନେବାକୁ ନିଯୋଗ ପକ୍ଷରୁ ଆଲୋଚନା କରାଯାଇଛି। ସେପଟେ ଆନନ୍ଦ ବଜାରରେ ମହାପ୍ରସାଦର ଦର ତାଲିକା ଟଙ୍ଗାଯାଇ ନ ଥିବାରୁ ଭକ୍ତମାନେ ଶୋଷଣର ଶିକାର ହେଉଛନ୍ତି। ଏହି ଆଲୋଚନା ପରେ ଆନନ୍ଦ ବଜାରରେ ଦୈନନ୍ଦିନ ସ୍ଥିତି ପରଖିବା ନେଇ ନିଯୋଗ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ରଖାଯିବା ନେଇ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରିଥାନ୍ତି।



ତେବେ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରୟ ନେଇ ଅନେକ ଅବ୍ୟବସ୍ଥା ଥିବାରୁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଥାନ୍ତି। ଏବେ ଏହାର ନିରାକରଣ ପାଇଁ ସୁଆର ମହାସୁଆର ନିଯୋଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଆନନ୍ଦବଜାରକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବର୍ମା କହିଛନ୍ତି।

ଶ୍ରୀମନ୍ଦିର ସଂସ୍କାର ମାମଲାରେ ୨୦୧୯ ମସିହାରେ ସୁପ୍ରିମକୋର୍ଟ ଦେଇଥିବା ଏକ ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ, ଆନନ୍ଦବଜାରରେ ମହାପ୍ରସାଦ ଦର ତାଲିକା ଉଲ୍ଲେଖ କରାଯିବା କଥା। କିନ୍ତୁ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ଦର ତାଲିକା ଟଙ୍ଗାଯାଉନାହିଁ କି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସୁଲଭ ଦରରେ ଅବଢ଼ା ପାଇବାରୁ ଭକ୍ତମାନେ ବଞ୍ଚିତ ହେଉଛନ୍ତି। ସୁପ୍ରିମକୋର୍ଟଙ୍କ ନିୟମର ଉଲ୍ଲଂଘନ ହେଉଛି। ପ୍ରତିଦିନ ଶ୍ରୀମନ୍ଦିରକୁ ଲକ୍ଷାଧିକ ସଂଖ୍ୟାରେ ଭକ୍ତମାନେ ଆସି ରତ୍ନସିଂହାସନରେ ମହାପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ପାଇଥାନ୍ତି। କାଣିଚାଏ ମହାପ୍ରସାଦ ପାଇବାକୁ ସବୁବେଳେ ଭକ୍ତର ମନ ବ୍ୟାକୁଳ ହୋଇଥାଏ। କିନ୍ତୁ ଏବେ ମହାପ୍ରସାଦ କ୍ରୟରେ ଅନିୟମିତତା ଦେଖିବାକୁ ମିଳୁଛି। ନିର୍ଦ୍ଧାରିତ ଦରଠାରୁ ଚଢ଼ା ଦରରେ ମହାପ୍ରସାଦ ବିକ୍ରି କରାଯାଉଛି। ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ମହାପ୍ରସାଦର ଦର ନିର୍ଦ୍ଧାରଣ ପାଇଁ ଦୁଇ ଦୁଇଥର ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯାଇଥିଲେ ମଧ ଏଯାବତ୍ ସଫଳ ହୋଇପାରିନାହିଁ। ସେପଟେ ଖୁବଶୀଘ୍ର ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ତାଲିକା ଟଙ୍ଗାଯିବା ସହ ଆଗାମୀ ଦିନରେ ଭକ୍ତ କିଭଳି ସୁଲଭ ଦରରେ ପାଇବେ ସେ ନେଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୁଆରମହାସୁଆର ନିଯୋଗ ସମ୍ପାଦକ କହିଛନ୍ତି। ଅନ୍ୟପଟେ ମହାପ୍ରସାଦ ପାଇଁ ନିର୍ଦ୍ଧାରିତ ଦର ସୁଲଭ ମୂଲ୍ୟରେ ଲାଗୁ ନ କରାଗଲେ ଅଗଣିତ ଜଗନ୍ନାଥପ୍ରେମୀଙ୍କ ବିଶ୍ୱାସ ପ୍ରତି କୁଠାରଘାତ ହେବ। ସେଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଖୋର୍ଦ୍ଧାରୋଡ୍ ମଣ୍ଡଳ: ୧୫୫.୩୪ ମିଲିୟନ ଟନ୍ ପଣ୍ୟ ପରିବହନ

**ଜଟଣୀ,୨।୪(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ଅର୍ଥାତ୍ ୧ ଏପ୍ରିଲ ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ୧୫୫.୩୪ ମିଲିୟନ ଟନ୍ ପଣ୍ୟ ପରିବହନ କରିଛି। ଗତ ଆର୍ଥିକ ବର୍ଷଠାରୁ ୧.୯% ବୃଦ୍ଧି ପଞ୍ଜୀକରଣ କରିଛି। ଗତ ଆର୍ଥିକ ବର୍ଷ ୧ ଏପ୍ରିଲ ୨୦୨୧ରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଏହି ଡିଭିଜନ ୧୫୨.୪୬ ମିଲିୟନ ଟନ୍ ପଣ୍ୟ ପରିବହନ କରିଥିଲା। ପୂର୍ବତଟ ରେଳପଥ ଜୋନ୍ ଦ୍ୱାରା କରାଯାଇଥିବା ମୋଟ୍ ଲୋଡିଂରେ ୬୪% ଅବଦାନ ସହିତ ଏହି ମଣ୍ଡଳ ପୁନର୍ବାର ପୂର୍ବତଟ ରେଳପଥରେ ପ୍ରଥମ ସ୍ଥାନ ହାସଲ କରିଛି। ପଣ୍ୟ ପରିବହନ କ୍ଷେତ୍ରରେ ଏହି ଡିଭିଜନ ଚଳିତ ଆର୍ଥିକ ବର୍ଷରେ ସର୍ବାଧିକ ଆୟ ୧୪,୫୯୭ କୋଟି ଟଙ୍କାର ରାଜସ୍ୱ ରେକର୍ଡ କରିଛି, ଯାହା ପୂର୍ବବର୍ଷର ଆୟ ୧୪,୦୧୬ କୋଟି ଅର୍ଥାତ୍ ଗତବର୍ଷର ଆୟ ତୁଳନାରେ ୪.୧% ଅଧିକ। ମାର୍ଚ୍ଚ ୨୦୨୩ ଏକ ମାସରେ ସର୍ବାଧିକ ଲୋଡିଂ ଭାବେ



୧୪.୫୫ ମିଲିୟନ ଟନ୍ ଲୋଡ୍ ରେକର୍ଡ ହୋଇଛି। ଗୋଟିଏ ମାସରେ ଅର୍ଥାତ୍ ମାର୍ଚ୍ଚ ୨୦୨୩ରେ ମାଲ ପରିବହନ ଆୟ ୧,୨୯୨ କୋଟିଟଙ୍କା। ଏହିସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ କହିଛନ୍ତି, ଅଧିକାରୀ ଏବଂ କର୍ମଚାରୀଙ୍କ ପରିଶ୍ରମ ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ଖୋର୍ଦ୍ଧାରୋଡ୍ ମଣ୍ଡଳ, ଭାରତୀୟ ରେଳ ବିଭାଗର ମାଲ୍ ପରିବହନରେ ରେକର୍ଡ ହାସଲ କରିପାରିଛି। ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିପାରିବ ବୋଲି ଆଶା ରଖିଛନ୍ତି।

## ‘ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣେ ସାହିତ୍ୟ ପତ୍ରିକା’



ସମାରୋହରେ ଅତିଥିମାନେ ସାହିତ୍ୟ ପତ୍ରିକା ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ର ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୨।୪**

**ପତ୍ରିକା ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ**

**■ ହରିହର ମିଶ୍ର ପାଇଲେ ସତ୍ୟବାଦୀ ସାରସ୍ୱତ ସମ୍ମାନ**

ଲୋକସେବକ ମଣ୍ଡଳ ଦ୍ୱାରା ପରିଚାଳିତ ମାସିକ ସାହିତ୍ୟ ପତ୍ରିକା ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁଣେ ଆଞ୍ଚଳିକ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶରଣ କୁମାର ଲିମ୍ବାଲେ ଯୋଗଦେଇ ଜଣେ ଲେଖକଙ୍କୁ ସମ୍ମାନ କରିବା, ସାହିତ୍ୟ ଭାଷା ଓ ସଂସ୍କୃତିକୁ ସମ୍ମାନ କରିବା ସଦୃଶ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ନୂଆଦିଲ୍ଲୀ ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ କହିଥିଲେ, ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବାର ସୁଯୋଗ କେବଳ ସାହିତ୍ୟ ପତ୍ରିକା ହିଁ ଦେଇଥାଏ। ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା ସମାଜ ଓ ସତ୍ୟବାଦୀର ସମ୍ପାଦକ ନିରଞ୍ଜନ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଫେସର ହରିହର ମିଶ୍ରଙ୍କୁ ‘ସତ୍ୟବାଦୀ ସାରସ୍ୱତ ସମ୍ମାନ–୨୦୨୨’ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କା ସହ ଉପଢୌକନ ଓ ମାନପତ୍ର ଦିଆଯାଇଥିଲା। ସେହିପରି ପ୍ରବନ୍ଧରେ ଶ୍ରୀଶ ପଟେଲ, ଗଳ୍ପରେ ସୀତେଶ ତ୍ରିପାଠୀ, କବିତାରେ ସୌଭାଗ୍ୟବନ୍ତ ମହାରଣା, ଶିଶୁ ସାହିତ୍ୟ କବିତାରେ ପ୍ରଶାନ୍ତ କୁମାର ନାଥ ଓ ଶିଶୁ ସାହିତ୍ୟ ଗଳ୍ପରେ ଅଶୋକ କୁମାର ପ୍ରଧାନଙ୍କୁ ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସତ୍ୟବାଦୀର ବାର୍ଷିକ ସଂଖ୍ୟା ସମେତ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଲୋକସେବକ ମଣ୍ଡଳର ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜର ମହାପ୍ରବନ୍ଧକ ଶିବରାମ ମିଶ୍ର ବକ୍ତବ୍ୟ ଦେଇଥିଲେ। ଉପମୁଖ୍ୟ ସହ–ସମ୍ପାଦିକା ମମତା ବିଶୋଇ, ପ୍ରତିମା ପାଲ, ଜ୍ୟୋତିର୍ମୟୀ ଦାସ ପ୍ରମୁଖ ମାନପତ୍ର ପାଠ କରିଥିଲେ। ବରିଷ୍ଠ କାର୍ଟୁନିଷ୍ଟ ଜ୍ଞାନ ରଥଙ୍କ ଦ୍ୱାରା ଅଙ୍କିତ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀ ହୋଇଥିଲା। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିମାପଡ଼ା,୨।୪(ଡି.ଏନ୍.ଏ.)**

ନିମାପଡ଼ା ଦୋଳବେଦି ଛକଠାରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଶୋ’ରୁମ୍ ଗୋଦାମ ଗୃହରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ସାତପୁରୀ ଅଞ୍ଚଳର ଶିବପ୍ରସାଦ ଭୋଇ(୨୨)। ଶିବଙ୍କ ବାପା ଦିବାକର ଭୋଇଙ୍କ ଅଭିଯୋଗ ମୁତାବକ ନିମାପଡ଼ା ପୋଲିସ ଏନେଇ ବିଭିନ୍ନ ଦଫାରେ ୧୦୧/୨୩ରେ ଏକ ହତ୍ୟାମାମଲା ରୁଜୁ କରିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶିବ ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ନିମାପଡ଼ା ଦୋଳବେଦି ଛକଠାରେ ଥିବା ଇଲେକ୍ଟ୍ରୋନିକ୍ସ ଶୋ’ରୁମ୍‌ରେ ସେଲ୍ସମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଶୋ’ରୁମ୍‌ରୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ନ ଉଠାଇବାରୁ ପରିବାର ଲୋକେ ଶୋ’ରୁମ୍ ମ୍ୟାନେଜର ପ୍ରଦୀପ ଦାସ ଏବଂ ଏଚ୍‌ଆର୍ ମ୍ୟାନେଜର ଦେବୀ ଦାସଙ୍କୁ ଫୋନ କରିଥିଲେ। ଉଭୟ କ୍ରୋଧାନ୍ୱିତ ହୋଇ ତୁମ ପୁଅ ବେକରେ ରଶି ଲଗାଇଦେଇଛି ବୋଲି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଶିବଙ୍କୁ କୌଣସି କାରଣରୁ ଶୋ’ରୁମ୍ ମ୍ୟାନେଜର, ଏଚ୍‌ଆର୍ ମ୍ୟାନେଜର ଏବଂ ଅନ୍ୟ ସହଯୋଗୀମାନେ ମିଶି ହତ୍ୟାକରି ଗୋଦାମ ଗୃହରେ ଟାଙ୍ଗି ଦେଇଥିବା ଶିବଙ୍କ ବାପା ଅଭିଯୋଗ କରିଛନ୍ତି।

## ଭାଷାକୁ ଭଲ ପାଇଲେ ଜାତି ସମୃଦ୍ଧ ହେବ

**ଖୋର୍ଦ୍ଧା ଅଫିସ,୨।୪**

ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ପଞ୍ଚପାଇକଙ୍କ ସମେତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗୋପାଳକୃଷ୍ଣ ଦାସ, ରଞ୍ଜିତ କେ.ଏନ. ସାମନ୍ତରାୟ, ହରିହର ଖାଡଙ୍ଗା, ସତ୍ୟନାରାୟଣ ବିଶୋଇ ପ୍ରମଖ ଉପସ୍ଥିତ ଥିଲେ। ବ୍ୟକ୍ତିର ପରିଚୟ ହେଉଛି ଭାଷା। ଭାଷା ସମୃଦ୍ଧ ହେଲେ ଜାତି ସମୃଦ୍ଧ ହେବ ବୋଲି ମତ ପ୍ରକାଶ ପାଇଥିଲା। ସେହିଭଳି ଓକିଲ ସଂଘ ପକ୍ଷରୁ କୋର୍ଟ ପରିସର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ଶିଶିର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, ଶିକ୍ଷାବିତ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂ ପ୍ରମୁଖ ଓଡ଼ିଶା ଦିବସ ପାଳନ ଅବସରରେ ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା ସହ ଖୋର୍ଦ୍ଧାର ଐତିହ୍ୟ ଗଡ଼୍‌ଖୋର୍ଦ୍ଧାର ପୁନରୁଦ୍ଧାର ପାଇଁ ଦାବି କରିଥିଲେ। ଓଷ୍ଟା ଖୋର୍ଦ୍ଧା ଜିଲା ପକ୍ଷରୁ ପଲ୍ଲୀ କାର୍ଯ୍ୟାଳୟରେ ବିଭୁ ପ୍ରସାଦ ହରିଚନ୍ଦନଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଭାରେ ସୁଧାକର ମହାପାତ୍ର, ଅଗାଧୁ ସେଠୀ, ଦେବାଶୀଷ ସେଠୀ, ଅଜୟ ରାଉତରାୟ, ପ୍ରସନ୍ନ ମହାପାତ୍ର, ଅଭିରାମ ବେହେରା, ମାନସ ପଣ୍ଡା, ସୁଶାନ୍ତ ମିଶ୍ର ଉପସ୍ଥିତ ଥିଲେ। ସେହିପରି ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ପକ୍ଷରୁ ଗଡ଼ଖୋର୍ଦ୍ଧାସ୍ଥିତ ପଞ୍ଚ ପାଇକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ ସଭାପତି ଦିଲ୍ଲୀପ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ବିକ୍ରମ ଚମ୍ପତି, ପ୍ରକାଶ ଦାସ, ଶର୍ମିଷ୍ଠା ପଟ୍ଟନାୟକ, ବିପ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ରକ୍ତଦାନ କରି ଚର୍ଚ୍ଚାରେ ଗୌତମ

**ଜଟଣୀ,୨।୪(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଟିରିମଲ୍ଲ ପଞ୍ଚାୟତ ରାଣୀପୁର ଗ୍ରାମର ଗୌତମ ମହାରଣା। ବୟସ ପାଖାପାଖି ୩୭। ବାପା ମା’ ସେବାଶ୍ରମ ଟ୍ରଷ୍ଟ ପ୍ରତିଷ୍ଠା କରି ଅସହାୟ ବୃଦ୍ଧାବୃଦ୍ଧଙ୍କ ସେବା କରିବା ସହିତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ମିଳିଥିବା ସୂଚନା ମୁତାବକ, ଗୌତମ ନିଜ ପାଇଁ ଚିନ୍ତା ନ କରି ସମସ୍ତଙ୍କୁ ଆପଣାର ଭାବି ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଆସୁଛନ୍ତି। ରକ୍ତ ଦେବା ପାଇଁ ଫୋନ୍ ଆସିଲା ମାତ୍ରକେ ପୀଡ଼ିତଙ୍କ ପାଖରେ ପହଞ୍ଚିବା ସହ ରକ୍ତ ଦାନ କରିଥାନ୍ତି ବୋଲି ବନ୍ଧୁ ସ୍ୱେଚ୍ଛାସେବୀ ବାସୁଦେବ ସେଠୀ କହିଛନ୍ତି। ଗୌତମ ୨୦୧୩ ମସିହାରୁ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଆସୁଛନ୍ତି। ୨୫ଥର ରକ୍ତ ଦାନ କରି ସେ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ, ଏମ୍‌ସ ମେଡିକାଲ, କଟକ ବଡ଼ ମେଡିକାଲ, କ୍ୟାପିଟାଲ ହସ୍ପିଟାଲ, କଳିଙ୍ଗ ହସ୍ପିଟାଲ, ବେଗୁନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟ ହସ୍ପିଟାଲଗୁଡ଼ିକରେ ରକ୍ତ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗୌତମ କୁହନ୍ତି, ବାରମ୍ବାର ରକ୍ତଦେବାରୁ ଅସୁସ୍ଥ ହୋଇଯିବି ବୋଲି ଆଶଙ୍କା କରି ମା’ ଭୟଭୀତ ହୋଇପଡ଼ନ୍ତି। ସହଧର୍ମିଣୀଙ୍କ ସମର୍ଥନ ରହିଛି। ଜୀବନ ଥିବା ପର୍ଯ୍ୟନ୍ତ ରକ୍ତଦାନ କରୁଥିବି। ଅନ୍ୟ ଯୁବକମାନେ ମଧ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିବା ଆବଶ୍ୟକ। ରକ୍ତ ଦେବା ଦ୍ୱାରା ସମ୍ପର୍କ ବଢ଼ିଥାଏ ବୋଲି ସେ କହିଛନ୍ତି।

## ସାହିଯାତରୁ ଫେରିବା ବେଳେ ଯୁବକଙ୍କୁ ଆକ୍ରମଣ

**ପୁରୀ ଅଫିସ, ୨।୪**

ସାହିଯାତ ଦେଖି ଫେରୁଥିବାବେଳେ ଜଣେ ଯୁବକଙ୍କୁ ରବିବାର କାଳିକାଦେବୀ ସାହିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ କାଳିକାଦେବୀ ସାହିର କିଶନ ରଣା। କିଶନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ କରିଥିବାବେଳେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ସନ୍ଦେହ କରୁଛି।

## ‘ଆମ ଗାଁ ଆମ ପରିବେଶ’ ଆଲୋଚନାଚକ୍ର

**ଜଟଣୀ,୨।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମରେ '' ଆମ ଗାଁ ଆମ ପରିବେଶ''କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜନକଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉକ୍ତ ଆଲୋଚନା ଚକ୍ରରେ କୃଷକ ନେତା ଜଗନ୍ନାଥ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ଗାଁ ପରିବେଶ ସମ୍ପର୍କରେ ସ୍ୱଚ୍ଛତା ନେଇ ଆଲୋକପାତ କରିଥିଲେ। ସଂଗଠନ ସଭାନେତ୍ରୀ ସାବିତ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଲୋଚନାଚକ୍ରରେ ନାରାୟଣ ରାଣସିଂହ, ବିଜୟ ଜେନା, ସରଙ୍ଗାଧର ବେହେରା, ହରିରାଜପୁରର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ଓ ଗାଁ ପରିମଳ ଉପରେ ଅତିଥିମାନେ ନିଜର ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜକ କୁଦିଆରୀ ଗ୍ରାମ ମହିଳା ସଂଗଠନ ଆଗାମୀ ଦିନରେ ପରିବେଶ ଓ ଗ୍ରାମର ସୌନ୍ଦର୍ଯ୍ୟ ରକ୍ଷା କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ଖାଲି ସ୍ଥାନରେ ଚାରା ରୋପଣ କରିବା ପାଇଁ ଶପଥ ନେଇଥିଲେ। ଏହି ଆଲୋଚନା ଚକ୍ରରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ସାହିଯାତର ଚତୁର୍ଥ ଦିବସ: ରାମ ବନବାସ ନୀତି ସମ୍ପନ୍ନ

**ପୁରୀ ଅଫିସ, ୨।୪**



ବନବାସ ନୀତି ସମ୍ପନ୍ନ ପାଇଁ ରାମ, ଲକ୍ଷ୍ମଣ ଓ ସୀତା ଶ୍ରୀମନ୍ଦିରକୁ ଯାଉଛନ୍ତି।



ଶିଶୁ କନ୍ୟା ଦୁର୍ଗାମେଢ଼ରେ ନୃତ୍ୟ ପରିବେଷଣ କରୁଛନ୍ତି।

ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମନବମୀଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହୋଇଥାଏ। ଏହି କ୍ରମ ଅନୁସାରେ ଚୈତ୍ରମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ରବିବାର ସାହିଯାତର ଚତୁର୍ଥ ଦିବସରେ ରାମ ବନବାସ ନୀତି ସମ୍ପନ୍ନ ହୋଇଛି। ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ପ୍ରଭୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ ଏବଂ ମା’ ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ମା’ ସୀତାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରମାନଙ୍କୁ ନେଇ ମୁକ୍ତିମଣ୍ଡପ ନିକଟସ୍ଥ ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁରମାନେ ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ମଠ ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ଚତୁର୍ଥ ଦିବସରେ ମାର୍କଣ୍ଡେଶ୍ୱର ସାହି ଭଗବତୀ କୋଟ ଆଖଡ଼ା ପକ୍ଷରୁ ରାମ ବନବାସ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଭଗବତୀ କୋଟ ଆଖଡ଼ା ପକ୍ଷରୁ ସ୍ୱୟଂଜିତ ପରମଗୁରୁ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ, ନିଗମାନନ୍ଦ ସେନାପତି ସୀତାଙ୍କ ଭୂମିକାରେ, ପୃଥ୍ୱୀରାଜ ତ୍ରିପାଠୀ ଲକ୍ଷ୍ମଣଙ୍କ ଭୂମିକାରେ ନୀତି ସମ୍ପାଦନ କରିଥିଲେ। ସେହିପରି ବିବେକ ମଦନ ଦାଶ ବଶିଷ୍ଠ, ରାହୁଲ ଡଗର ଏବଂ ସୋହନ ସ୍ୱାଇଁ ଗ୍ରାମ ମୁଖିଆ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇଥିଲା। ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମାର୍କଣ୍ଡେଶ୍ୱର ଭଗବତୀ କୋଟ ଆଖଡା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ସେହିପରି ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଯାତ ବାହାରିଥିଲା। ଯାତ ବାଦି ସାହି ଭ୍ରମଣ କରିବା ସହ ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ ଓ ସମରକଳା ବୀରବାଦ୍ୟ ତାଳେ ତାଳେ ପ୍ରଦର୍ଶନ କରାଯାଇଥିଲା। ସାତବଖରା ଯାଗା ପକ୍ଷରୁ ବିରଞ୍ଚି ନାରାୟଣ ପାଣିଗ୍ରାହୀ ମେଢ଼, ସୁଦୀପ୍ତ ସାମର୍ଥା ଫୁଲମେଢ, ରୂପକ ପଣ୍ଡା ନାଗା, ସନ୍ତୋଷ ସାମର୍ଥା ନବଶିରା, କୃଷ୍ଣଚନ୍ଦ୍ର ସାହୁ କାନ ନାକ ମେଢରେ ସଜ୍ଜିତ ହୋଇଥିଲେ। ସେହିପରି ଗଦାସାହାଣ ବଡ଼ପୋଖରୀ ଯାଗା ପକ୍ଷରୁ ଧୀରେନ୍ଦ୍ର କୁମାର ପ୍ରଧାନ ନବଶିରା ବନ୍ଧାଇଥିଲେ। ଅନ୍ୟ ଜାଗା ମଧ୍ୟରେ ଭଙ୍ଗଜାଗା ପାଣିଆତୋଟା, ଦୁଆରୀ ଯାଗା, ବଡୁ ମହାପାତ୍ର ଯାଗା, ପାଣ୍ଡ ଜାଗା ପ୍ରଭୃତି ପକ୍ଷରୁ ବିଭିନ୍ନ ପ୍ରକାର ମେଢ, ନାଗା, ଅସୁର, ସମରକଳା ଆଦି ବାହାରିଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ସାହିଯାତ ଚାଲିଥିଲା। ଏହି ଅବସରରେ ଭଗବତ କୋଟ ନିକଟରେ ଆଠ ସାହିର ମୁରବିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୭୦ରୁ ୮୦ ବର୍ଷ ଧରି ମାର୍କଣ୍ଡେଶ୍ୱର ସାହିର ଯାତ ବନ୍ଦ ଥିବାବେଳେ ଗତବର୍ଷଠାରୁ ପୁଣି ଆରମ୍ଭ ହୋଇଛି। ଚଳିତବର୍ଷ ମାର୍କଣ୍ଡେଶ୍ୱର ସାହିର ଯାତକୁ ନେଇ ଉତ୍ସାହ ଓ ଉଲ୍ଲାସ ପ୍ରକାଶ ପାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୪।୨୦୨୩

| | |
|---|---|
| ୭,୧୯,୯୦୩ ଟଙ୍କା | |
| ସୁନା | ୫ ଗ୍ରାମ୍ |
| ରୁପା | ୬୬ ଗ୍ରାମ୍ |

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ

ଡେଲାଙ୍ଗ,୨।୪(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକ ଅଧୀନ ଶ୍ରୀପୁରୁଷୋତ୍ତମପୁର ଓ ଗଡଡ଼କେରା ଗ୍ରାମର ଆରାଧ ଠାକୁର ଶ୍ରୀଲୋକନାଥ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଆରମ୍ଭ ହୋଇଛି। ମହାଯଜ୍ଞ ପାଇଁ କଳସ ଯାତ୍ରା କରାଯାଇଥିଲା। କର୍ତ୍ତା ଭାବେ ଶିବଶଙ୍କର ମିଶ୍ର ଓ କର୍ତ୍ତ୍ରୀ ଭାବେ ତାଙ୍କ ସ୍ତ୍ରୀ ରୋଜି ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ହିମାଂଶୁ ତ୍ରିପାଠୀ, ବିଶ୍ୱନାଥ କର ଓ ସହଯୋଗୀ ପଣ୍ଡିତମାନେ ଯଥାବିଧି ପୂଜାର୍ଚ୍ଚନାରେ ନିୟୋଜିତ ଅଛନ୍ତି। ନିକଟସ୍ଥ ଲୋକନାଥ ପୋଖରୀରୁ ୭୨ଜଣ ମହିଳା ପୁରୁଷ ବ୍ରତୀ କଳସ ବୁଡ଼ାଇ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଅଗ୍ନିସ୍ଥାପନ, ସର୍ବଦେବଦେବୀ ଆବାହନ, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ ପ୍ରଭୃତି ପୂଜାର୍ଚ୍ଚନା ହୋଇଥିଲା। ୩ ଦିନ ବ୍ୟାପୀ ଏହି ମହାଯଜ୍ଞର ପୂର୍ଣ୍ଣାହୁତି ସୋମବାର ସନ୍ଧ୍ୟାରେ ହେବ ବୋଲି ଯଜ୍ଞ କମିଟି ସଭାପତି ଅସିତ୍ ମିଶ୍ର ସୂଚନା ଦେଇଛନ୍ତି।

### ସଚେତନତା କାର୍ଯ୍ୟକ୍ରମ

ଡେଲାଙ୍ଗ,୨।୪(ଡି.ଏନ୍.ଏ.)-ଅଜିତା ସଙ୍ଗଠନ ପକ୍ଷରୁ ଓଡ଼ିଶା ଦିବସ ଅବସରରେ ଏକ ନାରୀ ସଚେତନତା କାର୍ଯ୍ୟକ୍ରମ ଡେଲାଙ୍ଗ ନିକଟସ୍ଥ ପିଢ଼ପାଟଣା ଗ୍ରାମ ମା' ନାଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ସଙ୍ଗଠନର ଜିଲା ସଂଯୋଜିକା ସ୍ୱପ୍ନାପ୍ରିୟା ପାତ୍ର ଓ ବ୍ଲକ ସଂଯୋଜିକା ଶାନ୍ତିଲତା ପାଢ଼ୀ ଏହାର ନେତୃତ୍ୱ ନେଇଥିଲେ। କର୍ମଶାଳାରେ ନାରୀଙ୍କୁ ସ୍ୱାବଲମ୍ବୀ, ନାରୀ ନିର୍ଯ୍ୟାତନା, ବାଲ୍ୟବିବାହ ରୋକିବା, ଶିଶୁକନ୍ୟାର ସୁରକ୍ଷା, ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁଭଶ୍ରୀ ମିଶ୍ର, ମଞ୍ଜୁଲତା ଭୋଇ, ଗୀତାଞ୍ଜଳି ବରାଳ, ମିନତି ଜେନା, କୁନ୍ତଳା ପ୍ରଧାନ, ଧନତ୍ରୀ କାଣ୍ଡି, ମଲ୍ଲି ବେହେରା, ସୁରମା ଜେନା, ଊର୍ମିଳା ପରିଡ଼ା, ସୀତା ପରିଡ଼ା, ସୁଷମା ମହାପାତ୍ର, ଅଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଘର ଆଗରୁ ବାଇକ୍ ଚୋରି

ଗୋପ,୨।୪(ଡି.ଏନ୍.ଏ.): ଗୋପ ବ୍ଲକ ଛକ ନିକଟରେ ରହୁଥିବା ରଜତ କୁମାର ସେନାପତିଙ୍କ ବାଇକ୍ (ଓଡି୧୩-ଏ-୨୯୮୯)କୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଗୋପ ଥାନା ପୋଲିସ ଏକ ମାମଲା (ନଂ.୧୫୫/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଯାତ୍ରା ପାର୍ଟିରୁ ଅଭିନୟ ସାରି ସେନାପତି ବ୍ରହ୍ମପୁରରୁ ରାତିରେ ଘରକୁ ଆସିଥିଲେ। ଘର ସମ୍ମୁଖରେ ସେ ବାଇକ ରଖି ଘରେ ଶୋଇପଡ଼ିଥିଲେ। ରବିବାର ସକାଳେ ଘର ଆଗରେ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସୁବ୍ୟବସ୍ଥିତ ହେବ ଶ୍ରୀମନ୍ଦିର ଆନନ୍ଦ ବଜାର

■ ପ୍ରଶାସନ ସହ ଆଲୋଚନା କଲା ସୁଆର ମହାସୁଆର ନିଯୋଗ
■ ନିର୍ଦ୍ଧାରଣ ହେବ ଅବଢ଼ା ମୂଲ୍ୟ, ଟଙ୍ଗାଯିବ ଦର ତାଲିକା

ପୁରୀ ଅଫିସ, ୨।୪:



ଶ୍ରୀମନ୍ଦିର ଆନନ୍ଦ ବଜାରରେ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଏବେ ତତ୍ପରତା ପ୍ରକାଶ ପାଇଛି। ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିବା ପରେ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ଆସିପାରିବ ସେନେଇ ପୁରୀ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଳ ସିଂହଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରି କିଭଳି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ପଦକ୍ଷେପ ନେବାକୁ ନିଯୋଗ ପକ୍ଷରୁ ଆଲୋଚନା କରାଯାଇଛି। ସେପଟେ ଆନନ୍ଦ ବଜାରରେ ମହାପ୍ରସାଦର ଦର ତାଲିକା ଟଙ୍ଗାଯାଇ ନ ଥିବାରୁ ଭକ୍ତମାନେ ଶୋଷଣର ଶିକାର ହେଉଛନ୍ତି। ଏହି ଆଲୋଚନା ପରେ ଆନନ୍ଦ ବଜାରରେ ଦୈନନ୍ଦିନ ସ୍ଥିତି ପରଖିବା ନେଇ ନିଯୋଗ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ରଖାଯିବା ନେଇ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରିଥାନ୍ତି। ତେବେ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରୟ ନେଇ ଅନେକ ଅବ୍ୟବସ୍ଥା ଥିବାରୁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଥାନ୍ତି। ଏବେ ଏହାର ନିରାକରଣ ପାଇଁ ସୁଆର ମହାସୁଆର ନିଯୋଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଆନନ୍ଦବଜାରକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବର୍ମା କହିଛନ୍ତି।

ଶ୍ରୀମନ୍ଦିର ସଂସ୍କାର ମାମଲାରେ ୨୦୧୯ ମସିହାରେ ସୁପ୍ରିମକୋର୍ଟ ଦେଇଥିବା ଏକ ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ, ଆନନ୍ଦବଜାରରେ ମହାପ୍ରସାଦ ଦର ତାଲିକା ଉଲ୍ଲେଖ କରାଯିବା କଥା। କିନ୍ତୁ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଦର ତାଲିକା ଟଙ୍ଗାଯାଉନାହିଁ କି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସୁଲଭ ଦରରେ ଅବଢ଼ା ପାଇବାରୁ ଭକ୍ତମାନେ ବଞ୍ଚିତ ହେଉଛନ୍ତି। ସୁପ୍ରିମକୋର୍ଟଙ୍କ ନିୟମର ଉଲ୍ଲଂଘନ ହେଉଛି। ପ୍ରତିଦିନ ଶ୍ରୀମନ୍ଦିରକୁ ଲକ୍ଷାଧିକ ସଂଖ୍ୟାରେ ଭକ୍ତମାନେ ଆସି ରତ୍ନସିଂହାସନରେ ମହାପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ପାଇଥାନ୍ତି। କାଣିଚାଏ ମହାପ୍ରସାଦ ପାଇବାକୁ ସବୁବେଳେ ଭକ୍ତର ମନ ବ୍ୟାକୁଳ ହୋଇଥାଏ। କିନ୍ତୁ ଏବେ ମହାପ୍ରସାଦ କ୍ରୟରେ ଅନିୟମିତତା ଦେଖିବାକୁ ମିଳୁଛି। ନିର୍ଦ୍ଧାରିତ ଦରଠାରୁ ଚଢ଼ା ଦରରେ ମହାପ୍ରସାଦ ବିକ୍ରି କରାଯାଉଛି। ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ମହାପ୍ରସାଦର ଦର ନିର୍ଦ୍ଧାରଣ ପାଇଁ ଦୁଇ ଦୁଇଥର ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ସଫଳ ହୋଇପାରିନାହିଁ। ସେପଟେ ଖୁବଶୀଘ୍ର ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ତାଲିକା ଟଙ୍ଗାଯିବା ସହିତ ଆଗାମୀ ଦିନରେ ଭକ୍ତ କିଭଳି ସୁଲଭ ଦରରେ ପାଇବେ ସେ ନେଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୁଆରମହାସୁଆର ନିଯୋଗ ସମ୍ପାଦକ କହିଛନ୍ତି। ଅନ୍ୟପଟେ ମହାପ୍ରସାଦ ପାଇଁ ନିର୍ଦ୍ଧାରିତ ଦର ସୁଲଭ ମୂଲ୍ୟରେ ଲାଗୁ ନ କରାଗଲେ ଅଗଣିତ ଜଗନ୍ନାଥପ୍ରେମୀଙ୍କ ବିଶ୍ୱାସ ପ୍ରତି କୁଠାରାଘାତ ହେବ। ସେଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବାକୁ ସାଧାରଣରେ ଦାବି ହେଉଛି।

# ବିଭୂତି କଣାସ ଶାଖା ଉତ୍କଳ ସମ୍ମିଳନୀ ସଭାପତି



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

କଣାସ,୨।୪(ସ୍ୱ.ପ୍ର.)

ଉତ୍କଳ ସମ୍ମିଳନୀ କଣାସ ଶାଖା ପକ୍ଷରୁ ଦୋକନ୍ଦା କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଓଡ଼ିଶା ଦିବସ ପାଳନ କରାଯାଇଛି। ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍କଳ ସମ୍ମିଳନୀ ରାଜ୍ୟ କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର, ପୂର୍ବତନ ପୁରୀ ଜିଲା ଉତ୍କଳ ସମ୍ମିଳନୀ ସଭାପତି ଡ. ହେମନ୍ତ ଛୋଟରାୟ, ଶିକ୍ଷାବିତ୍ ପ୍ରଭାକର ମଙ୍ଗରାଜ ଓ କେନ୍ଦ୍ରୀୟ କମିଟି ସଦସ୍ୟ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ଅତିଥି ଭାବେ ଯୋଗଦେଇଥିଲେ। କଣାସ ଶାଖା ସମ୍ମିଳନୀର ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଭାରେ ଅନୁମୋଦନ କରାଯାଇଥିଲା। ସଭାପତି ଭାବେ ବିଭୂତି ଭୂଷଣ ପଟ୍ଟନାୟକ, ଉପସଭାପତି ଅଜୟ ସେଠୀ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ସମ୍ପାଦକ ଭାବେ ଲିଙ୍ଗରାଜ ପରିଡ଼ା, ସହସମ୍ପାଦକ ବିଦ୍ୟାଧର ବିଶ୍ୱାଳ, ସଂଗଠନ ସମ୍ପାଦକ ଲିଙ୍ଗରାଜ ମହାପାତ୍ର, କୋଷାଧ୍ୟକ୍ଷ ଜିତେନ୍ଦ୍ର ପେଣ୍ଟୋଇ ମନୋନୀତ ହୋଇଥିଲେ। ୧୫ ଜଣ ସଭ୍ୟାସଭ୍ୟ ନିଜ ନାମ ପଞ୍ଜୀକରଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରସାର, ପ୍ରଚାର କରିବା ଏବଂ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ସବୁଦିନ ପାଇଁ ଜୀବିତ ରଖିବାକୁ ଶପଥ ନେଇଥିଲେ।

# ଦର୍ଶକଙ୍କୁ ବିମୋହିତ କଲା ଭାରତନାଟ୍ୟମ୍



ଚଇତାଳି ମହୋତ୍ସବରେ ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ ।

**ଚଇତାଳି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ନିମାପଡ଼ା,୨।୪(ଡି.ଏନ୍.ଏ.)

ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ପ୍ରଥମଥର ପାଇଁ ମୁକ୍ତାକାଶ ମଞ୍ଚରେ ଆୟୋଜିତ ବସନ୍ତ ପର୍ବ ଚଇତାଳି ଉତ୍ସବ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ସରପଞ୍ଚ ସୁମନ୍ତ ଭୋଇ, ପ୍ରେସ୍‌କ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାଜକିଶୋର ଦାଶ ପ୍ରମୁଖ ଯୋଗଦେଇ ଉତ୍ସବର ସଫଳ କାମନା କରିଥିଲେ। ଏହି ଉତ୍ସବ ନିମାପଡ଼ା ଅଞ୍ଚଳର ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୋଲକାତାର ନର୍ତ୍ତନାଞ୍ଜଳି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆକର୍ଷଣୀୟ ନୃତ୍ୟାଭିନୟ, ନୃତ୍ୟ ଭାରତନାଟ୍ୟମ୍, ମୟୂରଭଞ୍ଜର ଗୋକୁଳଚନ୍ଦ୍ର ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଗୁରୁ ପ୍ରଦ୍ୟୁମ୍ନ ମହାନ୍ତଙ୍କ ସଂଯୋଜିତ ବୀରରସରେ ପରିପୂର୍ଣ୍ଣ ଛଉନୃତ୍ୟରେ ଧ୍ୱଜତାଳତାମୁଡିଆ, ବାରତାଳିଆ, କ୍ଷେତ୍ରୀୟବନ୍ଧୁ ନୃତ୍ୟ ଓ ନୃତ୍ୟାଭିନୟ ବେଶ୍ ଧୁମ୍‌ଧାମ୍‌ରେ ପରିବେଷିତ ହୋଇଥିଲା। ହେଲେ କୋଲକାତାର ନର୍ତ୍ତନାଞ୍ଜଳି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ସଞ୍ଜୀବ ସମାଦାରଙ୍କ ସଂଯୋଜିତ ଓ ନିର୍ଦ୍ଦେଶିତ ଭାରତନାଟ୍ୟମ୍ ନୃତ୍ୟରେ ମଲାରୀ, ଭୋଶମ୍ବୋ, କଳିଙ୍ଗ ନର୍ଦନାଥିଲାନା ନୃତ୍ୟ ଓ ମା ଦୁର୍ଗା ଓ କାଳୀଙ୍କ ଉପରେ ଆଧାରିତ ଭକ୍ତି, ଶକ୍ତି, ଦେବୀ ବନ୍ଦନା, ଦେବୀସ୍ତୁତି ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଆୟୋଜିତ ମୀନାବଜାର, ପଲ୍ଲିଶ୍ରୀ ମେଳାରେ ଦର୍ଶକଙ୍କ ବେଶ୍ ସମାଗମ ହୋଇଥିଲା। ଉପସ୍ଥାପକ ଭାବେ ନିରଞ୍ଜନ ପଳତା ଓ ପ୍ରଜ୍ଞା ପାରମିତା ନାୟକ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।



ନର୍ତ୍ତନାଞ୍ଜଳି ଡ୍ୟାନ୍ସ ଏକାଡେମୀର କଳାକାର ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରୁଛନ୍ତି।

## ଓକେସିଏଲ୍ ପକ୍ଷରୁ ଡିଜିଟାଲ ସାକ୍ଷର ସଚେତନତା

ଡେଲାଙ୍ଗ,୨।୪(ଡି.ଏନ୍.ଏ.)

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ) ପକ୍ଷରୁ ରବିବାର ଡେଲାଙ୍ଗ ଷ୍ଟେଶନ ବଜାର ନିକଟସ୍ଥ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନରେ ଡିଜିଟାଲ ସାକ୍ଷର ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ହରିହର ସ୍ୱାଇଁ, ଗୁଆଳିପଡ଼ା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ସମିତିସଭ୍ୟା କଳ୍ପନା ପଟ୍ଟନାୟକ, ଦକ୍ଷତା ବିକାଶ ପ୍ରତିଷ୍ଠାନ ଅଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ପ୍ରଧାନ, ପ୍ରିୟବ୍ରତ ପ୍ରଧାନ, ରୋଜାଲିନ୍ ସ୍ୱାଇଁ, ଲିନା ତାଡ଼, ନମିତା ମାଝିଙ୍କ ସମେତ ପ୍ରତିଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ପତାକା ଦେଖାଇ ସାକ୍ଷରତା ରଥର ଶୁଭାରମ୍ଭ କରିଥିଲେ। ରଥଟି ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ସାକ୍ଷର ସଚେତନତା ସମ୍ପର୍କରେ ସଚେତନ କରିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ମିଳିଛି। ପ୍ରତିଷ୍ଠାନରେ ୧୩ରୁ ୬୦ ବର୍ଷ ମଧ୍ୟରେ ରହିଥିବା ପ୍ରତ୍ୟେକ ବର୍ଗର ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷ ଡିଜିଟାଲ ସାକ୍ଷରତାର ସୁବିଧା ପାଇପାରିବେ ବୋଲି ଅଧ୍ୟକ୍ଷ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

# ଦଳ ଛାଡ଼ି ଚର୍ଚ୍ଚାରେ ଭାଗୀରଥି

ଗୋପ,୨।୪(ଡି.ଏନ୍.ଏ.)



ପୁରୀ ଜିଲା ଗୋପ–ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ମେ ୨ ତାରିଖରେ ହେବାକୁ ଯାଉଛି। କଂଗ୍ରେସ ପକ୍ଷରୁ ଗତ ଜିଲା ପରିଷଦ ନିର୍ବାଚନ ଲଢିଥିବା ପ୍ରାର୍ଥୀ ଭାଗୀରଥି ବେହେରା ରବିବାର ସନ୍ଧ୍ୟାରେ ହଠାତ୍ ଦଳରୁ ଇସ୍ତଫା ଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଗତ ଜିଲା ପରିଷଦ ନିର୍ବାଚନରେ ସ୍ୱର୍ଗତ ଧର୍ମେନ୍ଦ୍ର ସାହୁ ବିପୁଳ ଭୋଟରେ ବିଜୟୀ ହୋଇଥିବାବେଳେ ତାଙ୍କ ଦେହାନ୍ତ ପରେ ସେହି ଆସନ ଖାଲି ପଡିଥିଲା। ତେବେ କଂଗ୍ରେସର ଜଣେ ବରିଷ୍ଠ ଓ ଟାଣୁଆ ନେତା ପ୍ରମୋଦ ରାୟ ଶନିବାର କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇ ୧୧ ନମ୍ବର ଜିଲା ପରିଷଦ ଆସନରୁ ଭାଜପା ପକ୍ଷରୁ ଲଢ଼ିବେ ବୋଲି ଜଣାପଡ଼ିଥିଲା। ରବିବାର ଭାଗୀରଥିଙ୍କ କଂଗ୍ରେସ ଛାଡିବା ଏବେ ଭିନ୍ନ ମୋଡ ନେଇଛି। ତେବେ ସେ ସୋମବାର ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। ଏପଟେ ଭାଜପା ପକ୍ଷରୁ ଦଳୀୟ ଭିତ୍ତିରେ ବୈଠକ କରା ନ ଯାଇ ହଠାତ୍ ଉପରସ୍ଥ ନେତାମାନେ ଜଣେ ପୁରୁଣା କଂଗ୍ରେସ କର୍ମୀଙ୍କୁ ଟିକେଟ ଦେବାକୁ ମନସ୍ଥ କରିଥିବାରୁ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାପଡିଛି। ଏହା ମଧ୍ୟରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବେ ୯ ଗୋଟି ପଞ୍ଚାୟତର ଦଳୀୟ ସଭାପତି, ପର୍ଯ୍ୟବେକ୍ଷକ ସହିତ ଆଗଧାଡିର କର୍ମୀଙ୍କୁ ଡାକି ରଣକୌଶଳ ପ୍ରସ୍ତୁତି କରୁଥିବା ଜଣାପଡିଛି। କିନ୍ତୁ ବିଜେଡି ଚଳିତ ଜିଲା ପରିଷଦ ସଭ୍ୟ ପଦ ହାତେଇବ ବୋଲି ଚର୍ଚ୍ଚା ହେଉଛି। ଏପରି ଇସ୍ତଫା ଦେବା ସମ୍ପର୍କରେ ଭାଗୀରଥି ବେହେରାଙ୍କୁ ପଚାରିବାରେ, ସେ ତାଙ୍କ ବ୍ୟକ୍ତିଗତ ସମସ୍ୟା ଯୋଗୁ କଂଗ୍ରେସ ଛାଡ଼ିଛନ୍ତି। କେଉଁ ଦଳରୁ ପ୍ରାର୍ଥୀ ହେବେ ଖୁବ୍‌ଶୀଘ୍ର ତାହା ଜଣାପଡିବ ବୋଲି କହିଛନ୍ତି।

# ହରିହର ମିଶ୍ର ପାଇଲେ ସତ୍ୟବାଦୀ ସାରସ୍ୱତ ସମ୍ମାନ

କଟକ ଅଫିସ,୨।୪:

ଲୋକସେବକ ମଣ୍ଡଳ ଦ୍ୱାରା ପରିଚାଳିତ ମାସିକ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁଣେ ଆଞ୍ଚଳିକ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶରଣ କୁମାର ଲିମ୍ବାଲେ ଯୋଗଦେଇ ଜଣେ ଲେଖକଙ୍କୁ ସମ୍ମାନ କରିବା, ସାହିତ୍ୟ ଭାଷା ଓ ସଂସ୍କୃତିକୁ ସମ୍ମାନ କରିବା ସଦୃଶ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ନୂଆଦିଲ୍ଲୀ ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ କହିଥିଲେ, ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବାର ସୁଯୋଗ କେବଳ ସାହିତ୍ୟ ପତ୍ରିକା ହିଁ ଦେଇଥାଏ। ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା ସମାଜ ଓ ସତ୍ୟବାଦୀର ସମ୍ପାଦକ ନିରଞ୍ଜନ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଫେସର ହରିହର ମିଶ୍ରଙ୍କୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ–୨୦୨୨'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କା ସହ ଉପଢୌକନ ଓ ମାନପତ୍ର ଦିଆଯାଇଥିଲା। ସେହିପରି ପ୍ରବନ୍ଧରେ ଶ୍ରୀଶ ପଟେଲ, ଗଳ୍ପରେ ସୀତେଶ ତ୍ରିପାଠୀ, କବିତାରେ ସୌଭାଗ୍ୟବନ୍ତ ମହାରଣା, ଶିଶୁ ସାହିତ୍ୟ କବିତାରେ ପ୍ରଶାନ୍ତ କୁମାର ନାଥ ଓ ଶିଶୁ ସାହିତ୍ୟ ଗଳ୍ପରେ ଅଶୋକ କୁମାର ପ୍ରଧାନଙ୍କୁ ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସତ୍ୟବାଦୀର ବାର୍ଷିକ ସଂଖ୍ୟା ସମେତ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଲୋକସେବକ ମଣ୍ଡଳର ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜର ମହାପ୍ରବନ୍ଧକ ଶିବରାମ ମିଶ୍ର ବକ୍ତବ୍ୟ ଦେଇଥିଲେ। ଉପମୁଖ୍ୟ ସହ–ସମ୍ପାଦିକା ମମତା ବିଶୋଇ, ପ୍ରତିମା ପାଲ, ଜ୍ୟୋତିର୍ମୟୀ ଦାସ ପ୍ରମୁଖ ମାନପତ୍ର ପାଠ କରିଥିଲେ। ବରିଷ୍ଠ କାର୍ଟୁନିଷ୍ଟ ଜ୍ଞାନ ରଥଙ୍କ ଦ୍ୱାରା ଅଙ୍କିତ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀ ହୋଇଥିଲା। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆହ୍ୱାନ

କୋଣାର୍କ,୨।୪(ଡି.ଏନ୍.ଏ.)

କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅର୍କଶ୍ରୀ' ପକ୍ଷରୁ ତ୍ରିଦିବସୀୟ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହେଉଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଅଧ୍ୟାପକ ଶରତ ଚନ୍ଦ୍ର ବାରିକ, ସାମାଜିକ କର୍ମୀ ରାଜକିଶୋର ମହାପାତ୍ର, ପ୍ରଫୁଲ୍ଲ ପାତ୍ର, ଅବଧୂତ ମଠାଧୀଶ ଆଦିତ୍ୟ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମଧୁବାବୁଙ୍କ ପରି ସମସ୍ତେ ସ୍ୱାଭିମାନୀ ହୋଇ ଓଡ଼ିଆ ଭାଷା, ଭାଷାର ସୁରକ୍ଷା ଓ କଳା ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଓଡ଼ିଶା ଦିବସର ଦ୍ୱିତୀୟ ଦିନରେ ନାରୀ ସଶକ୍ତୀକରଣ ଉପରେ ଆଲୋଚନା ହୋଇଥିଲା। ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରୁଛନ୍ତି। କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ମହାମଞ୍ଚ, ରାଜୀବ ଗାନ୍ଧୀ ସୋସିଆଲ ୱେଲଫେୟାର ଅର୍ଗାନାଇଜେଶନ, କୋଣାର୍କ ନାଟ୍ୟ ମଣ୍ଡପ ଓ ମହାବୀର ଭଜନ ଧାରା ସହଯୋଗର ହାତ ବଢାଇଥିଲେ। ଏହି ଅବସରରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ମହାବୀର ଭଜନ ଧାରା ପକ୍ଷରୁ ସନ୍ଧ୍ୟାରେ ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରାଉତ ସଂଯୋଜନା କରିଥିଲେ। ଲିଙ୍ଗରାଜ ନାୟକ, ଅଜିତ୍ ମଲ୍ଲିକ , ସୁରେଶ୍ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ନାଗରିକ ମହାମଞ୍ଚର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



'ଅର୍କଶ୍ରୀ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ଶ୍ରୀକ୍ଷେତ୍ରରେ ଶୈବ ଉପାସନା ବହୁ ପ୍ରାଚୀନ

ପୁରୀ ଅଫିସ, ୨।୪:



ଆଲୋଚନାଚକ୍ରରେ ଯୋଗଦେଇଥିବା ଆଲୋଚକମାନେ।

ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ରବିବାର ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଉମେଶ ଚନ୍ଦ୍ର ଚିନାରା ସଭାପତିତ୍ୱ କରିଥିଲେ। 'ଶ୍ରୀକ୍ଷେତ୍ରରେ ଶୈବ ଉପାସନା' ଶୀର୍ଷକ ଆଲୋଚନାଚକ୍ରରେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ନାରାୟଣ ନନ୍ଦ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଉପାସନା ଯେତେ ପ୍ରାଚୀନ ଶୈବ ଉପାସନା ମଧ୍ୟ ସେତିକି ପ୍ରାଚୀନ। ରୁଦ୍ର ବା ଶିବ ହେଉଛନ୍ତି ବୈଦିକ ଦେବତା। ରୁତ୍ ଅର୍ଥାତ ଦୁଃଖକୁ ଯେ ବିନିଷ୍ଟ କରିଦିଅନ୍ତି ସେ ରୁଦ୍ର। ପୁନଃ ପରମ ଆଶ୍ରମ ଶିବଙ୍କଠାରେ ପ୍ରାଣୀମାନେ ଅନ୍ତିମ ବିଶ୍ରାମ ନିଅନ୍ତି। ଶ୍ରୀକ୍ଷେତ୍ରରେ କେଉଁ ଅନାଦି କାଳରୁ ଶିବଙ୍କ ଉପାସନା ରହିଆସିଛି। ସତ୍ୟ, ତ୍ରେତୟା ଏବଂ ଦ୍ୱାପର ଯୁଗରେ ଶୈବ ପୀଠ ସ୍ଥାପିତ ହେବାର ପ୍ରମାଣ ମିଳେ। ଶ୍ରୀକ୍ଷେତ୍ରର ମଣିକର୍ଣ୍ଣିକା ତୀର୍ଥରେ ଶିବଙ୍କ ହସ୍ତରୁ ବ୍ରହ୍ମା ଛିନ୍ନ ମସ୍ତକ ଖସିପଡ଼ିଥିବାରୁ ସେଠାରେ କପାଳମୋଚନ ଶିବ ପ୍ରତିଷ୍ଠିତ ହେଲେ। ସତ୍ୟଯୁଗରେ ମହର୍ଷି ମାର୍କଣ୍ଡେୟ ବାଳ ମୁକୁନ୍ଦରୂପୀ ଜଗନ୍ନାଥଙ୍କୁ ପ୍ରାର୍ଥନାରେ ସନ୍ତୁଷ୍ଟ କରି ବିଷ୍ଣୁକ୍ଷେତ୍ରରେ ଶିବଙ୍କୁ ସ୍ଥାପନ କରିବାକୁ ଇଚ୍ଛା କରିବାରୁ ସୁଦର୍ଶନ ଚକ୍ର ଦ୍ୱାରା ଗୋଟିଏ ଗର୍ତ୍ତ ଖୋଦନ କରିଥିଲେ। ତାର ତୀର ଭାଗରେ ପ୍ରତିଷ୍ଠିତ ଶିବ ଥିଲେ ମାର୍କଣ୍ଡେଶ୍ୱର। ଦେବୀ ଲକ୍ଷ୍ମୀଙ୍କ ଦ୍ୱାରା ଉପବିଷ୍ଟ ହୋଇଥିବା ଯେଉଁ ଶିବଙ୍କୁ ପୂଜା ଉପାସନା କରିଥିଲେ ସେଥିରେ ଯଜ୍ଞେଶ୍ୱର ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଶବରମାନେ ଦେଇଥିବା ଲାଉକୁ ଶିବଲିଙ୍ଗ ସ୍ୱରୂପ ପୂଜା କରିଥିଲେ। ତାଙ୍କୁ ଲାଉକେଶ୍ୱର ଓ ପରେ ଲୋକନାଥ ଭାବେ ବିଶ୍ୱାସ କରାଯାଏ। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କାଳରେ ପାତାଳବାସୀ ଦୈତ୍ୟମାନେ ବିବରରେ ଭୂଲୋକକୁ ଆସି ଉତ୍ପାତ କରିଥିଲେ। ଶ୍ରୀକୃଷ୍ଣ ସେହି ସ୍ଥାନରେ ଶିବଙ୍କ ଉପାସନା କରି ବିବରରେ ପ୍ରବେଶ କରି ଅସୁରଙ୍କୁ ନିପାତ କରିଥିଲେ। ଅସୁରମାନଙ୍କ ଯାତାୟାତରେ ଅବରୋଧ ନିମନ୍ତେ ଉକ୍ତ ସ୍ଥାନରେ ବିଲ୍ୱେଶ୍ୱରଙ୍କୁ ସ୍ଥାପିତ କଲେ। ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତ୍ତମ କ୍ଷେତ୍ର ଆଗମନ କରି ଶ୍ରୀକ୍ଷେତ୍ରର ସବୁ ଦିଗରେ ଅଷ୍ଟରୁଦ୍ର କରିଥିଲେ। ପଞ୍ଚମହାଦେବ ଚନ୍ଦନ ଯାତ୍ରାରେ ଅଂଶଗ୍ରହଣ କରିଥାନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ସାହିରେ ବାନାମ୍ବର ଶିବଙ୍କୁ ଉପାସନା କରାଯାଏ। ବାଲିସାହିସ୍ଥିତ ପୁରୁଣା ନଅର ନିକଟରେ ୮ଟି ଲିଙ୍ଗ ବିରାଜମାନ କରୁଛନ୍ତି, ଯାହାକୁ ଅଷ୍ଟଶମ୍ଭୁ ମନ୍ଦିର କୁହାଯାଇଥାଏ। ଏହାଛଡ଼ା ଶ୍ରୀକ୍ଷେତ୍ରରେ ଅନେକ ଶିବ ମନ୍ଦିର ରହିଛି। ଶିବରାତ୍ରି, ସୋମନାଥ ବ୍ରତ, ଯମଦ୍ୱିତୀୟା, ବାଳିତୃତୀୟା, ଶ୍ରାବଣ ସୋମବାର ଆଦି ସହ ନେତ ପିଲାଙ୍କ ହରଗୌରୀ ପୂଜା ଦେଖିବାକୁ ମିଳିଥାଏ। ଉକ୍ତ ଆଲୋଚନାଚକ୍ରରେ ଡ. ବିଜୟ ନାରାୟଣ ରାମାନୁଜ ଦାସ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ସୁନିଲ କୁମାର ମିଶ୍ର, ଅଶୋକ କୁମାର ଆଢ୍ୟ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ନକୁଳ ଚନ୍ଦ୍ର ସ୍ୱାଇଁ, ଅନାମ ଚନ୍ଦ୍ର ସାହୁ, ରଞ୍ଜିତା ମହାପାତ୍ର, ମୀରା ମହାନ୍ତି ଏବଂ ଲକ୍ଷ୍ମଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'କଟକର ଉନ୍ନତି ପାଇଁ ପ୍ରଚେଷ୍ଟା ଜାରି ରହିଛି'

**କଟକ ଅଫିସ,୨।୪:** ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉପଦେଷ୍ଟା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଅଧକ୍ଷତା କରିଥିଲେ। କଟକର ଉନ୍ନତି ଦିଗରେ ଆଲୋଚନା ସହ ସମସ୍ତ ଜନପ୍ରତିନିଧି, ସାମାଜିକ ସଙ୍ଗଠନ, ପୂଜା କମିଟି, ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ଆବଶ୍ୟକ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମେୟର ସୁବାସ ସିଂ, ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କର୍ପୋରେଟର ଜେ. କାମେଶ୍ୱର ରାଓ, ସନ୍ତୋଷ ଭୋଳ, ଗଗନ ଓଝା, ଦୀପକ ଦାସ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ପୂର୍ବାଞ୍ଚଳ ଶାନ୍ତିକମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, ଯୁବନେତା ଲୋକନାଥ ଲେଙ୍କା, ସ୍ମୃତିରଞ୍ଜନ ରାଉତ, ମଞ୍ଚ ଉପଦେଷ୍ଟା ଦେବକୁମାର ନାଥ, ସଭାପତି ଅକ୍ଷୟ ପଣ୍ଡା, ଉପ ସଭାନେତ୍ରୀ ରଶ୍ମିତା ସାହୁ, କୋଷାଧକ୍ଷ ରୂପାଲି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। କଟକର ଉନ୍ନତି, ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ମୋ' କଟକ ସୁରକ୍ଷା ମଞ୍ଚ ସର୍ବଦା ପ୍ରଚେଷ୍ଟା ଜାରି ରଖିଛି। ଆଗାମୀ ଦିନରେ ସମସ୍ତ ସହଯୋଗ ସହଯୋଗ ରହିବ ବୋଲି ମେୟର କହିଛନ୍ତି। ମୋ' କଟକ ସୁରକ୍ଷା ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ଜିଲା ବ୍ରାହ୍ମଣ ମହାସଭା ଶକ୍ତିବାହିନୀର ଆଲୋଚନାଚକ୍ର

**କଟକ ଅଫିସ,୨।୪:** କଟକ ଜିଲା ବ୍ରାହ୍ମଣ ମହାସଭା ଶକ୍ତିବାହିନୀ ପକ୍ଷରୁ ଏକ ଆଲୋଚନାଚକ୍ର ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ନାରୀର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ମହାସଭାର ସଭାପତି ଗୀତା ଚୟନୀ, ମୁଖ୍ୟବକ୍ତା ସାହିତ୍ୟିକା ପ୍ରତିମା ଶତପଥୀ ଓ ସମ୍ମାନିତ ଅତିଥି ଭାବେ ନୀଳଚକ୍ର ଅନୁଷ୍ଠାନର ସଭାପତି ନମିତା ପଣ୍ଡା ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଶକ୍ତିବାହିନୀର ସଭାପତି ବୈଜୟନ୍ତୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ଅରୁଣା ସାମନ୍ତରାୟ ବିବରଣୀ ପାଠ କରିଥିଲେ। ସ୍ନେହ ନନ୍ଦ ଆଭିମୁଖ୍ୟ ପ୍ରଦାନ, କୁନଲତା ତ୍ରିପାଠୀ ବେଦପାଠ, ଶୋଭନା ଦାଶ ସ୍ୱାଗତ ଭାଷଣ ଓ ସ୍ନେହଲତା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

### ନରଣପୁର ଦିବାରାତ୍ରି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାରଙ୍ଗ,୨।୪(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁର ଖେଳପଡିଆରେ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଜୁନିୟର ବିଭାଗରେ ଗୋପାଳପୁର ଚାମ୍ପିୟନ ହୋଇଥିବାବେଳେ ସିନିୟରରେ ବିଡାନାସୀ ଚାମ୍ପିୟନ ହୋଇଛି। ଜୁନିୟର ଫାଇନାଲ ମ୍ୟାଚ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ସହିତ ଜୟତାରିଣୀ କ୍ଲବ ଗୋପାଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ୧-୦ ଗୋଲରେ ଚାମ୍ପିୟନ ହୋଇଛି। ସେହିପରି ସିନିୟରବିଭାଗର ଫାଇନାଲ ମ୍ୟାଚ ବିଡାନାସୀ ମର୍ନିଂ ସହିତ ରେଭେନ୍ସା ମର୍ନିଂ ମଧ୍ୟରେ ହୋଇଥିଲା। ଏଥିରେ ବିଡାନାସୀ ୭-୬ ଟ୍ରେଇ ବ୍ରେକରରେ ଚାମ୍ପିୟନ ହୋଇଛି। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ି ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସୁରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ, ରଞ୍ଜନ ସାହୁ, ଧୀରେନ୍ଦ୍ର ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ଦିନେଶ ରଞ୍ଜନ ରାଉତଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ବଡ଼ବାପା

**କଣ୍ଟାପଡା, ୨।୪(ଡି.ଏନ୍.ଏ.)**

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**
- ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ
- ସ୍ୱାମୀଙ୍କୁ ପଚରାଉଚରା କରୁଛି ପୋଲିସ

କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ନେତକୁଣ୍ଡି ଗ୍ରାମରେ ଶନିବାର ରାତିରେ ଦିବ୍ୟସିନୀ ସୁନ୍ଦରରାଏ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କୁ ହତ୍ୟା କରିଥିବା ବଡ଼ବାପା ବିଭୂତି ଭୂଷଣ ସୁନ୍ଦରରାଏ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଦିବ୍ୟସିନୀଙ୍କ ସ୍ୱାମୀ ଆଶିଷ ରାଉତରାୟଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୫୯/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କଟକ ସଦର ଥାନା ଅଧୀନ ବାଟପୁରଣ ଗ୍ରାମର ଦିବ୍ୟସିନୀଙ୍କୁ ଗତବର୍ଷ ମେ' ୧୧ ତାରିଖରେ ନେତକୁଣ୍ଡି ଗ୍ରାମର ଆଶିଷ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘର ଦାବି ମୁତାବକ ଅର୍ଥ ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ତେବେ ଅଧିକ ୧ ଲକ୍ଷ ଟଙ୍କା ଆଣିବାକୁ ଦାବିକରି ଦିବ୍ୟସିନୀଙ୍କୁ ଶାଶୁଘର ଲୋକେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ଦିବ୍ୟସିନୀ ବାପଘର ଲୋକଙ୍କୁ ଜଣାଇଥିଲେ। ପରେ ବାପଘର ଲୋକ ସେଠାକୁ ଯାଇ ବୁଝାଶୁଝା କରି ଆସୁଥିଲେ। ଶନିବାର ରାତିରେ ଫୋନ୍ କଲ୍ ପାଇ ବିଭୂତି ଝିଆରୀ ଘରେ ପହଞ୍ଚିବା ପରେ ଖଟ ଉପରେ ଦିବ୍ୟସିନୀଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ରବି ନାରାୟଣ ବେହେରା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ହତ୍ୟା ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତଦନ୍ତ ଆଗେଇବ।



ବିଶ୍ୱ ଅଟିଜିମ୍ ଦିବସ ପାଳନ ଅବସରରେ ରବିବାର ସିଡିଏ ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲ୍‌ଟର ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଅଟିଜିମ୍ ବ୍ୟାଧିର ଲକ୍ଷଣ ଜାଣିବା ଦରକାର

**କଟକ ଅଫିସ,୨।୪**

**ବିଶ୍ୱ ଅଟିଜିମ୍ ସଚେତନତା ଦିବସ**

ମର୍କତନଗର ସିଡିଏ ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲଟର ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ରବିବାର ପାଳିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଅଟିଜିମ୍ ବ୍ୟାଧିରେ ପୀଡ଼ିତ ଶିଶୁଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଏଭଳି ପିଲାଙ୍କ କଲ୍ୟାଣ ନିମନ୍ତେ ସିଏମ୍‌ସି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଡା. ସୌମ୍ୟଦର୍ଶନ ନାୟକ କହିଥିଲେ, ଅଟିଜିମ୍ ବ୍ୟାଧିର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ସମସ୍ତେ ଅବଗତ ହେବା ଦରକାର। ଅନୁଷ୍ଠାନର ସଭାପତି ଡା. ଶୈଳେଶ୍ୱର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଡ. ସତ୍ୟ ରାୟ, କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ସମ୍ପାଦକ ସୁଜାତା ପଟ୍ଟନାୟକ, ଦେବାଶିଷ ସାହୁ, ଡ. ସୁଚେତା ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପିଲାମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

## ସରକାର ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କଲେ: ମେୟର

**କଟକ ଅଫିସ,୨।୪**

ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି କଟକ, ଭୁବନେଶ୍ୱର ଓ ପୁରୀକୁ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଅନେକ ଥର ଦାବି ଉପସ୍ଥାପନ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ହେଲେ କେନ୍ଦ୍ର ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ। ରାଜ୍ୟର ପ୍ରମୁଖ ସହରରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯାଉଥିବାବେଳେ ଓଡ଼ିଶାରେ ଏହି ପ୍ରୋଜେକ୍ଟ ପାଇଁ ରେଳ ବିଭାଗ ଉପେକ୍ଷା କରିଆସୁଥିଲା। ଏବେ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କଟକ, ପୁରୀ, ଭୁବନେଶ୍ୱର ଓ ଖୋର୍ଦ୍ଧା ମଧ୍ୟରେ ଏହି ଟ୍ରେନ୍ ଚଳାଚଳ କରିବ। ବହୁ ପ୍ରତିକ୍ଷୀତ ଏହି ପ୍ରୋଜେକ୍ଟକୁ ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରି ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କଲେ ବୋଲି କଟକ ଗଡଖାଇ ନିକଟସ୍ଥ ମେୟରଙ୍କ ଅଭିଯୋଗ ଶୁଣାଣି କକ୍ଷରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ କହିଛନ୍ତି। ଏଥିରେ ଡା. ରବି ରଞ୍ଜନ ସାହୁ, ରେଭେନ୍‌ଶା କଲେଜର ପୂର୍ବତନ ଅଧକ୍ଷ ଡ. ଅନନ୍ତ ଚରଣ ସାହୁ, ପ୍ରଫେସର ପ୍ଲାବକ କାନୁନ୍‌ଗୋ, ପ୍ରଫେସର ବିଦ୍ୟୁତ୍ କୁମାରୀ ଲାଲା ପ୍ରମୁଖ ଉପସ୍ଥିତ ଥିଲେ।

## 'ମିଶନ ଶକ୍ତି ଦ୍ୱାରା ମହିଳା ସ୍ୱାବଲମ୍ବୀ ହୋଇଛନ୍ତି'



ସମାବେଶରେ ମୁଖ୍ୟ ଅତିଥି ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଟକ ସଦର,୨।୪(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ବଳିବାମନ ପୀଠରେ କଟକ ସଦର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ମହିଳା ଜନତା ଦଳର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ କହିଥିଲେ, ମିଶନ ଶକ୍ତି ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇ ପୁରୁଷଙ୍କ ସମକକ୍ଷ ହୋଇପାରିଛନ୍ତି। କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ସମ୍ମାନିତ ଅତିଥି ଭାବେ କଟକ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ନିରାମୟ ଯୋଜନାର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, କଟକ ସଦର ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ସାଲେପୁର ବ୍ଲକର ପୂର୍ବତନ ଅଧକ୍ଷା ପ୍ରମିଳା ବେହେରା, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ଆଶାଲତା ବେହେରା, ସୁବାସିନୀ ସେଠୀ, ଅଭିନେତ୍ରୀ ସିମ୍ରନ୍, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଶାର ମହିଳାମାନେ ନିଜର କଳାକୃତି ପାଇଁ ଦେଶ ବିଦେଶରେ ବେଶ୍ ସୁନାମ ଅର୍ଜନ କରିଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ କେତେଜଣ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ। ମିଶନ ଶକ୍ତିର ସଂଯୋଜକ ଶରତ ରାୟ, ପ୍ରମୋଦ ମହାପାତ୍ର, ମନୋଜ ନାୟକ, ସମର ବେହେରା, ଅଜୟ ଦଳେଇ, ବିଭୂତି ଭୂଷଣ ପରିଡ଼ା, ମନୋରଞ୍ଜନ ମହାପାତ୍ର, ଜୀବନ ସାମନ୍ତରାୟ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ

**କଟକ ଅଫିସ,୨।୪**

କଟକ ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ରବିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଯଜ୍ଞ କରାଯାଇଥିଲା। ଏଥିରେ ସିଡିଏ ଡିଏଭି ପବ୍ଲିକ ସ୍କୁଲର ଅଧକ୍ଷା ନମିତା ମହାନ୍ତି, ରାଜାବଗିଚାସ୍ଥିତ ଡିଏଭି ସ୍କୁଲର ଅଧକ୍ଷା ମୌସୁମୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ସ୍ୱାଇଁ ଯଜ୍ଞକାର୍ଯ୍ୟରେ ପୌରୋହିତ୍ୟ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆନ୍ତଃ ଡିଏଭି ବିଦ୍ୟାଳୟର ମେଗା କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧୯ଟି ବିଦ୍ୟାଳୟର ପ୍ରାୟ ୩୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ଯଶାଂଶୁ ମହାନ୍ତି ଓ ଅନନ୍ୟ ଚୌଧୁରୀ ଚାମ୍ପିୟନ ହୋଇଥିବାବେଳେ ଡିଏଭି ପିପିଏଲ ପାରାଦୀପର ଲିପ୍ସା ପ୍ରଧାନ ଓ ଶୁଭଶ୍ରୀ ଅପରାଜିତା ଜେନା ରନର୍ସ ଅପ୍ ହୋଇଥିଲେ। ବିକ୍ରମ କେଶରୀ ଜେନା କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ।

## 'ଉତ୍କଳୀୟ ପରମ୍ପରା, ସଂସ୍କୃତି ଅନନ୍ୟ'


ବାର୍ଷିକ ଉତ୍ସବରେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଫୁଲନଖରା,୨।୪(ଡି.ଏନ୍.ଏ.)**

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୪ନଂ. ୱାର୍ଡ ନଖରାସ୍ଥିତ ଖାରବେଳ ଇଷ୍ଟେଟ୍‌ଠାରେ ଖାରବେଳ ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ନିରଞ୍ଜନ ପାଢ଼ୀ ଯୋଗଦେଇ କହିଥିଲେ, ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ଅନନ୍ୟ। ଅନ୍ୟ ପାଇଁ ତ୍ୟାଗ କରି ଓଡ଼ିଶାର ମହାପୁରୁଷମାନେ ଉଦାହରଣ ସୃଷ୍ଟି କରିଛନ୍ତି। ପରିଷଦର ସଭାପତି ଡ. ପ୍ରଭାକର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ଯୋଗଦେଇ ନିଜ ଅଞ୍ଚଳର ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ କଳାକାର ବ୍ରଜବିହାରୀ ସୁବୁଦ୍ଧି ଯୋଗଦେଇ ହାସ୍ୟାଭିନୟ ମାଧ୍ୟମରେ ସଚେତନାତା ବାର୍ତ୍ତା ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ବିବରଣୀ ପାଠ, ଉପସଭାପତି ପ୍ରମୋଦ କୁମାର ରାଉତ ଅତିଥି ପରିଚୟ ଓ ସହସମ୍ପାଦକ ଅକ୍ଷୟ କୁମାର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ପରିଷଦର ବାର୍ଷିକ ସ୍ମରଣିକା 'ପ୍ରାଚୀପ୍ରଭା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣେ ସାହିତ୍ୟ ପତ୍ରିକା'

**କଟକ ଅଫିସ,୨।୪**


ସମାରୋହରେ ଅତିଥିମାନେ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

**ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ**
- ହରିହର ମିଶ୍ର ପାଇଲେ ସତ୍ୟବାଦୀ ସାରସ୍ୱତ ସମ୍ମାନ

ଲୋକସେବକ ମଣ୍ଡଳ ଦ୍ୱାରା ପରିଚାଳିତ ମାସିକ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ୱତ ସମ୍ମାନ ସମାରୋହ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁଣେ ଆଞ୍ଚଳିକ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶରଣ କୁମାର ଲିମ୍ବାଲେ ଯୋଗଦେଇ ଜଣେ ଲେଖକଙ୍କୁ ସମ୍ମାନ କରିବା, ସାହିତ୍ୟ ଭାଷା ଓ ସଂସ୍କୃତିକୁ ସମ୍ମାନ କରିବା ସଦୃଶ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ନୂଆଦିଲ୍ଲୀ ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ କହିଥିଲେ, ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବାର ସୁଯୋଗ କେବଳ ସାହିତ୍ୟ ପତ୍ରିକା ହିଁ ଦେଇଥାଏ। ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ଅଧକ୍ଷ ତଥା ସମାଜ ଓ ସତ୍ୟବାଦୀର ସମ୍ପାଦକ ନିରଞ୍ଜନ ରଥ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ପ୍ରଫେସର ହରିହର ମିଶ୍ରଙ୍କୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କା ସହ ଉପଢୌକନ ଓ ମାନପତ୍ର ଦିଆଯାଇଥିଲା। ସେହିପରି ପ୍ରବନ୍ଧରେ ଶ୍ରୀଶ ପଟେଲ, ଗଳ୍ପରେ ସୀତେଶ ତ୍ରିପାଠୀ, କବିତାରେ ସୌଭାଗ୍ୟବନ୍ତ ମହାରଣା, ଶିଶୁ ସାହିତ୍ୟ କବିତାରେ ପ୍ରଶାନ୍ତ କୁମାର ନାଥ ଓ ଶିଶୁ ସାହିତ୍ୟ ଗଳ୍ପରେ ଅଶୋକ କୁମାର ପ୍ରଧାନଙ୍କୁ ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସତ୍ୟବାଦୀର ବାର୍ଷିକ ସଂଖ୍ୟା ସମେତ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଲୋକସେବକ ମଣ୍ଡଳର ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜର ମହାପ୍ରବନ୍ଧକ ଶିବରାମ ମିଶ୍ର ବକ୍ତବ୍ୟ ଦେଇଥିଲେ। ଉପମୁଖ୍ୟ ସହ-ସମ୍ପାଦିକା ମମତା ବିଶୋଇ, ପ୍ରତିମା ପାଲ, ଜ୍ୟୋତିର୍ମୟୀ ଦାସ ପ୍ରମୁଖ ମାନପତ୍ର ପାଠ କରିଥିଲେ। ବରିଷ୍ଠ କାର୍ଟୁନିଷ୍ଟ ଜ୍ଞାନ ରଥଙ୍କ ଦ୍ୱାରା ଅଙ୍କିତ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀ ହୋଇଥିଲା। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।


ଓଡ଼ିଶା ଦିବସ ପାଳନ ଉପଲକ୍ଷେ କଟକ କ୍ଲବ ପକ୍ଷରୁ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ଫ୍ୟାଶନ ଶୋ'।


କଟକ ବାଲିଯାତ୍ରା ଉପର ପଡିଆରେ ରବିବାର ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟ ମେଳାରେ ଲୋକଙ୍କ ଗହଳି।

# ଗୋସାଗରେଶ୍ୱର ଛକରେ ଅଟକିଲା ରଥ

## ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ାଯାତ୍ରା

ପୁରୁଣା ଭୁବନେଶ୍ୱର,୨।୪(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ରାମେଶ୍ୱର ମନ୍ଦିରରୁ ଭଉଣୀ ରୁକୁଣା ଦେବୀ, ପ୍ରଭୁ ଦୋଳଗୋବିନ୍ଦଙ୍କ ସହ ରୁକୁଣା ରଥରେ ଅବସ୍ଥାନ କରି ସ୍ୱ ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ତେବେ ସୂର୍ଯ୍ୟାସ୍ତ ହୋଇଯିବାରୁ ଗୋସାଗରେଶ୍ୱର ଛକଠାରୁ ଅନତି ଦୂରରେ ରଥ ଅଟକି ରହିଛି।

ଲିଙ୍ଗରାଜ ମନ୍ଦିରରେ ଦୈନିକ ନୀତି ମଙ୍ଗଳ ଆଳତି ସରିବା ପରେ ରାମେଶ୍ୱର ମନ୍ଦିରରେ ସକାଳଧୂପ କରାଯାଇଥିଲା। ଏହାପରେ ଶ୍ରୀଜୀଉମାନେ ପହଣ୍ଡିରେ ବାହାରିଥିଲେ। ରଥାରୂଢ଼ ହେବାପରେ ପୂଜାପଣ୍ଡା ସେବାୟତ ଆଜ୍ଞାପ୍ରସାଦ ରଥ କାଳିସିଙ୍କୁ ପ୍ରଦାନ କରିଥିଲେ। କାଳସି ଘୋଡ଼ା ଉପରେ ବସି ରଥ ଟାଣିବାକୁ ଭକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଦାଣ୍ଡରେ ରଥ ଗଡ଼ି ଗଡ଼ି ଅସୁରକିଆରି ନିକଟରେ ପହଞ୍ଚିଥିଲା। ସେଠାରେ ଦ୍ୱିପ୍ରହର ଧୂପରେ ମୁଆଁ ଭୋଗ ହୋଇଥିଲା। ୨ଭଡ଼ା ମୁଆଁ ରଥ ଚକରେ ଦିଆଯିବା ପରେ କାଳିସି ରଥ ଟାଣିବାକୁ ପୁଣି କହିଥିଲେ। ସୂର୍ଯ୍ୟାସ୍ତ ହୋଇଯିବାରୁ ରଥ ଗୋସାଗରେଶ୍ୱର ଛକ ନିକଟ ଅନତି ଦୂରରେ ଅଟକି ରହିଥିଲା। ସୋମବାର ଅପରାହ୍ଣରୁ ପୁନଃ ରଥ ଟଣାଯିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ କହାଯାଇଛି।

### ୪ରେ ସ୍ୱର୍ଣ୍ଣାଦ୍ରି ବିଜେ

ରୁକୁଣା ରଥ ସୋମବାର ରଥଖଳାରେ ପହଞ୍ଚିବ। ତେବେ ୬ ଦିନ ପଡୁଥିବାରୁ ଶ୍ରୀଜୀଉ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ନାହିଁ। ୪ ତାରିଖ(ମଙ୍ଗଳବାର) ସନ୍ଧ୍ୟାରେ ପହଣ୍ଡିରେ ଯାଇ ଶ୍ରୀଜୀଉ ସ୍ୱର୍ଣ୍ଣାଦ୍ରି ବିଜେ କରିବା ନେଇ ସ୍ଥିର ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବିଦ୍ୟୁତ୍ ଖୁଣ୍ଟରେ ବାଜିଲା ରଥ

ଗୋସାଗରେଶ୍ୱର ଛକଠାରେ ରଥ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଜିଥିଲା। ପରେ ଖରଡ଼ା ସେବାୟତମାନେ ଖୁଣ୍ଟରୁ ରଥକୁ ଖସାଇଥିଲେ ମଧ୍ୟ ଏକ ଫାଷ୍ଟଫୁଡ୍ ଦୋକାନ ଉପରକୁ ମାଡ଼ିଯାଇଥିଲା। ଜବରଦଖଲ ଯୋଗୁ ରାସ୍ତା ସଙ୍କୁଚିତ ହେଉଛି। ଫଳରେ ଏଭଳି ଅଘଟଣ ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।



## ସଂକ୍ଷେପରେ

### ପ୍ରଫେସର ନିଶାମଣି ମିଶ୍ରଙ୍କ ଜୟନ୍ତୀ

ଭୁବନେଶ୍ୱର,୨।୪(ବ୍ୟୁରୋ)- ପ୍ରଫେସର ଡ. ନିଶାମଣି ମିଶ୍ରଙ୍କ ୯୦ତମ ଜୟନ୍ତୀ ଓ ଦ୍ୱିତୀୟ ନିଶାମଣି ସ୍ମାରକୀ ବକ୍ତୃତା ରବିବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଦେବେନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ରମେଶ ଚନ୍ଦ୍ର ଦାସ ଓ ମୁଖ୍ୟବକ୍ତା ପ୍ରଫେସର ମଥୁରେନ୍ଦ୍ର ପୃଷ୍ଟି ଯୋଗଦେଇଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର ସଂଯୋଜନା, ପୁଣ୍ୟ ପ୍ରଦୀପ ମିଶ୍ର ସ୍ୱାଗତ ସୂଚନା ଓ ଲଳିତ ମୋହନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ କବିତା ଆସର ଆୟୋଜିତ ହୋଇଥିଲା। ମିନତୀ ମିଶ୍ର, ନିରୁପମା କର ଓ ମଞ୍ଜୁଳା ତ୍ରିପାଠୀ ଆସରରେ ସଂଯୋଜନା କରିଥିଲେ।

### ରାଜ୍ୟସ୍ତରୀୟ ଆଶ୍ରୟ ସାହିତ୍ୟ ଉତ୍ସବ

ଭୁବନେଶ୍ୱର,୨।୪(ବ୍ୟୁରୋ)- ଆଶ୍ରୟ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ରାଜ୍ୟସ୍ତରୀୟ ଆଶ୍ରୟ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଲୋକନାଥ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ଦାଶ ବେନେହୁର ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଅତିଥି ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଉପଦେଷ୍ଟା ଡ. ବିଜୟ ଲକ୍ଷ୍ମୀ ମହାନ୍ତି, ଆବାହକ କୁଳମଣି ଷଡ଼ଙ୍ଗୀ, ପ୍ରଫେସର ସୁକାନ୍ତ ମହାରଣା, ମଞ୍ଜୁଳା କୁମାରୀ ରଥ ପ୍ରମୁଖ ଯୋଗଦେଇଥିଲେ। 'ସାହିତ୍ୟରେ ଅବହେଳିତ ସମ୍ପ୍ରଦାୟ' ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାସହ ଅନୁଷ୍ଠାନର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ନାବାର୍ଡର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ କୁଳମଣି ଷଡ଼ଙ୍ଗୀଙ୍କ 'ସରୋଜ ନଦୀର ତୀରେ', ମଞ୍ଜୁଳା କୁମାରୀଙ୍କ ଭଜନ ପୁସ୍ତକ 'ଭକ୍ତି ପସରା'ର ପାଠକାର୍ପଣ ହୋଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦନ ପାଇଁ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଭୁଦତ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇଥିବା ଲାପଟପ ବ୍ୟାଗ ଫେରାଇ ମହାନତା ଦେଖାଇଲେ ପୋଲିସ ମିତ୍ର

ଭୁବନେଶ୍ୱର,୨।୪ (ବ୍ୟୁରୋ) : ଇନ୍‌ଫୋସିଟି ଥାନା ଅଞ୍ଚଳରେ ରାସ୍ତାରେ ପଡ଼ିଥିବା ଲାପ୍‌ଟପ୍ ପାଇ ମାଲିକଙ୍କୁ ଫେରାଇ ମହାନତାର ପରିଚୟ ଦେଇଛନ୍ତି ଜଣେ ପୋଲିସ ମିତ୍ର। ସେ ହେଲେ ନୀଳାଦ୍ରିବିହାର ଈଶାନେଶ୍ୱର ବସ୍ତିର ଭରତଚନ୍ଦ୍ର ଆଦକ। ସୂଚନା ଅନୁଯାୟୀ, ଲାପ୍‌ଟପ୍ ମାଲିକ ଏକ ଘରୋଇ ଆଇଟି କମ୍ପାନୀରେ କାର୍ଯ୍ୟକରନ୍ତି। ସେ ନିଜ କାର୍ଯ୍ୟାଳରୁ ଘରକୁ ଯାଉଥିଲାବେଳେ ସ୍କୁଟି ଆଗରେ ଥିବା ଲାପଟପ ବ୍ୟାଗଟି ଅଜାଣତରେ ଗଳିପଡିଥିଲା। ଏନେଇ ସେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ପୋଲିସ ମିତ୍ର ଭରତ ଉକ୍ତ ଲାପଟପ ବ୍ୟାଗ୍ ପାଇବା ପରେ ସୋସିଆଲ ମିଡିଆରେ ପୋଷ୍ଟକରିଥିଲେ। ଚନ୍ଦ୍ରଶେଖରପୁର ଥାନା ଆଇଆଇସିଙ୍କ ଉପସ୍ଥିତିରେ ଲାପଟପ୍‌ଟିକୁ ମାଲିକକୁ ପ୍ରଦାନ କରିଥିଲେ।

# ରାତାରାତି ମରାମତି କରି ରଙ୍ଗ ବୋଳିଦେଲେ



ଶନିବାର ପୂର୍ବାହ୍ନରେ ଭୁଶୁଡ଼ି ପଡ଼ିଥିବା ବାଙ୍କୀ କଲେଜ ମିନି ଷ୍ଟାଡିୟମ୍ ଗ୍ୟାଲେରି।



୨୪ ଘଣ୍ଟା ମଧ୍ୟରେ ତରବରିଆ ଭାବେ ମରାମତି କରି ରବିବାର ରଙ୍ଗ ବୋଳାଯାଇଛି।

## ବାଙ୍କୀ କଲେଜ ମିନି ଷ୍ଟାଡିୟମ ଗ୍ୟାଲେରି ଭୁଶୁଡ଼ିବା ଘଟଣା

- ମୁହଁ ଖୋଲୁ ନାହାନ୍ତି ବିଭାଗୀୟ ଯନ୍ତ୍ରୀ
- ନିମ୍ନମାନର କାମ ଅଭିଯୋଗରେ ଠିକାଦାରଙ୍କ ବିରୋଧରେ ଭାଜପାର ଏତଲା

ବାଙ୍କୀ,୨।୪(ସ୍ୱ.ପ୍ର.)

ଉଦ୍‌ଘାଟନର ୧୦ଦିନ ମଧ୍ୟରେ ବାଙ୍କୀ କଲେଜ ମିନି ଷ୍ଟାଡିୟମ ଗ୍ୟାଲେରି ଶନିବାର ଭୁଶୁଡ଼ିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷାରେ ଗ୍ୟାଲେରି ଭୁଶୁଡ଼ିବା ଘଟଣା ଲୋକଙ୍କ ମଧ୍ୟରେ ଯେତିକି ଅସନ୍ତୋଷ ସୃଷ୍ଟି କରିଛି, ରାତାରାତି ମରାମତି ଘଟଣା ତା'ଠୁ ଅଧିକ ଚକିତ କରିଛି। ବ୍ୟବହାର ହେବା ପୂର୍ବରୁ ମିନି ଷ୍ଟାଡିୟମ ଗ୍ୟାଲେରି କିପରି ଭାଙ୍ଗିଲା, ସେନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ପୂର୍ବରୁ ୨୪ଘଣ୍ଟା ମଧ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ସ୍ଥାନୀୟ ଠିକାଦାରଙ୍କ ମାଧ୍ୟମରେ ମରାମତି କରାଯାଇ ରଙ୍ଗ ମାରି ଦିଆଯାଇଛି। ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରୟାସ କରାଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିବ୍ୟରଞ୍ଜନ ପଣ୍ଡାଙ୍କୁ ପଚାରିଲେ ସେ ରବିବାର ଛୁଟି, ସୋମବାର କହିବେ ବୋଲି କହି କୌଣସି ମତ ଦେଉନାହାନ୍ତି। ଏପରି କି ପିଡବ୍ଲ୍ୟୁଡି ଏସ୍‌ଡିଓ ସବିତା ସୋରେନଙ୍କୁ ଯୋଗାଯୋଗ କଲେ ମଧ୍ୟ ସେ ଫୋନ ଉଠାଉ ନାହାନ୍ତି। ତେବେ କାହା ନିର୍ଦ୍ଦେଶରେ ଭାଙ୍ଗି ଯାଇଥିବା ଗ୍ୟାଲେରିକୁ ମରାମତି କରାଗଲା ସେନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଅପରପକ୍ଷରେ ଏହି ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଦୀର୍ଘ ବର୍ଷ ପୂର୍ବରୁ ଆର୍ଥିକ ଅନୁଦାନ ଆସିଥିଲେ ମଧ୍ୟ ତାହାର ନିର୍ମାଣ କରା ନ ଯାଇ ଅର୍ଥ ପକାଇ ରଖାଯାଇଥିଲା। ୟୁଜିସି ପକ୍ଷରୁ ଟଙ୍କା ଫେରସ୍ତ ପାଇଁ ଚିଠି ଆସିବା ପରେ ବାଙ୍କୀ କଲେଜ କର୍ତ୍ତୃପକ୍ଷଙ୍କ ଚେତା ପଶିଥିଲା। ଫଳରେ ତରବରିଆ ଭାବରେ ଏହି କାର୍ଯ୍ୟ କରାଯାଇ ଗତ ୨୩ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷାରେ ଗ୍ୟାଲେରିର ଏକ ଅଂଶ ଭୁଶୁଡ଼ି ପଡ଼ିଲା। ଏହି ପ୍ରକଳ୍ପ ନିର୍ମାଣ ନିମ୍ନମାନର ଏବଂ ଏହାଦ୍ୱାରା ଲକ୍ଷାଧିକ ଟଙ୍କା ବରବାଦ ହୋଇଥିବା ଯୋଗୁଁ ଠିକାଦାର ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଭାଜପା ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବାଙ୍କୀ ନଗର ଭାଜପା ପକ୍ଷରୁ ସଭାପତି ପ୍ରଣବ ମହାପାତ୍ର ଏବଂ ଏକ ପ୍ରତିନିଧି ମଣ୍ଡଳୀ ରବିବାର ବାଙ୍କୀ ଥାନାରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ସଂଗ୍ରାମ ବିଭୂତି ରାୟ, ଜଗନ୍ନାଥ ନାୟକ, ଅଜିତ୍ କୁମାର ସୁବୁଦ୍ଧି, ରମାନାଥ ଦଳେଇ, ଦିଲ୍ଲୀପ କୁମାର ବସନ୍ତରା, ଲିଙ୍ଗରାଜ ରାଉତ, ଶିବପ୍ରସାଦ ମାଝି, ଜିତେନ କୁମାର ଲେଙ୍କା, ଗୋଖା ବେହେରା, ସନାତନ ସାହୁଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ସାମିଲ ଥିଲେ। ବାଙ୍କୀ ମହାବିଦ୍ୟାଳୟରେ ବହୁ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବାନେଇ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା ଏନେଇ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଭାଜପା ନଗର ସଭାପତି ମହାପାତ୍ର ଅଭିଯୋଗ କରିଛନ୍ତି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତାମିଲନାଡୁରେ ଓଡ଼ିଶା ଦିବସ

ଭୁବନେଶ୍ୱର, ୨।୪ (ବ୍ୟୁରୋ)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତାମିଲନାଡୁ ପରିସରରେ ପ୍ରଥମଥର ପାଇଁ ଚଳିତ ବର୍ଷ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଡ. ଏମ୍. କ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଓ ତାମିଲନାଡୁର ପୁରାତନ ଇତିହାସ, ଓଡ଼ିଶା ସହିତ ସମ୍ପର୍କ ତଥା ନବ ଭାରତ ନିର୍ମାଣରେ ଓଡ଼ିଆ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ଗୀତ, ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଧାପକ ତଥା ଯୋଗାଯୋଗ ବିଭାଗର ଡ. ନିଖିଲ କୁମାର ଗୌଡ଼ ସମ୍ବୋଧିତ କରିଥିଲେ। ସାମାଜିକ କାର୍ଯ୍ୟକ୍ରମ ବିଭାଗ ସହକାରୀ ପ୍ରଧାପକ ଡ. ଚିତ୍ତରଞ୍ଜନ ସୁବୁଦ୍ଧି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାପକ ଡ. ସୁଜିତ ବେହେରା, ଡ. ଭବାନୀ ଶଙ୍କର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ପିଏଚ୍‌ଡି ଛାତ୍ର ମିନକେତନ ଧନ୍ୟବାଦ ଅର୍ପଣ କରିଥିଲେ।



ତାମିଲନାଡୁସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥି।

# ଗର୍ଭବତୀ, ଗର୍ଭସ୍ଥ ଶିଶୁ ଆଖି ବୁଜିଲେ

## ଧୂପ ନିଆଁରେ ଜଳିଯାଇଥିଲେ ମହିଳା

ଭୁବନେଶ୍ୱର,୨।୪ (ବ୍ୟୁରୋ) : ଠାକୁର ପୂଜା କରୁଥିବାବେଳେ ଧୂପ ନିଆଁ ଶାଢ଼ିରେ ଲାଗିଯିବାରୁ ଜଣେ ଗର୍ଭବତୀ ମହିଳା ଜଳିଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପଟିଆ ଅଞ୍ଚଳର ସ୍ୱିତିପ୍ରଜ୍ଞା ନାୟକ (୩୦)। ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ପେଟରେ ଥିବା ପିଲାଟି ମଧ୍ୟ ଆଖି ବୁଜିଛନ୍ତି। ଏନେଇ ଇନ୍‌ଫୋସିଟି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁସାରେ, କଳାରାହଙ୍ଗର ପ୍ରଜ୍ଞା ପଟିଆ ଅଞ୍ଚଳର ଜଣେ ଯୁବକଙ୍କୁ ଦେଢ ବର୍ଷ ପୂର୍ବେ ବିବାହ କରିଥିଲେ। କିଛି ମାସ ହେବ ସେମାନେ ତାଙ୍କ ନନ୍ଦନବିହାରସ୍ଥିତ ବାସଭବନରେ ରହୁଥିଲେ। ଗତ ୨୭ ତାରିଖରେ ଠାକୁର ଘରେ ଧୂପଦେଉଥିବା ସମୟରେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ତାଙ୍କର ଶରୀରର ୬୦ଭାଗ ପୋଡି ଯାଇଥିଲା।

# ରେଭେନ୍‌ଶାରେ ରୁଦ୍ର'୯୧ ସମ୍ମିଳନୀ

ଭୁବନେଶ୍ୱର, ୨।୪ (ବ୍ୟୁରୋ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯୯୧ ବ୍ୟାଚ୍ ସ୍ନାତକୋତ୍ତର ପୁରାତନ ଛାତ୍ରସଂଘ 'ରେଭେନ୍‌ଶାଭିୟାନ୍ ପିଜି-୯୧' ପକ୍ଷରୁ ଅର୍ଜ ଡ୍ରିଭେନ୍ ରିଲେସନ୍‌ଶିପ୍ ଆଡ୍‌ଭାନ୍ସମେଣ୍ଟ (ରୁଦ୍ର'୯୧) ସମ୍ମିଳନୀ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ୩୨ ବର୍ଷ ପରେ ପ୍ରଥମ କରି ଆୟୋଜିତ ହୋଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ରେଭେନ୍‌ଶା ପରିସରରେ ସମ୍ମିଳିତ ହୋଇ ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲେ। ବୃକ୍ଷରୋପଣ ସହ ଉପକୁଳପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀଛାତ୍ର ଓଡ଼ିଶା କ୍ରିକେଟ କ୍ଲବ ପରିସରରେ ପୁନର୍ମିଳନ ଦିବସକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ। ଆଗାମୀ ବର୍ଷଗୁଡ଼ିକରେ ରୁଦ୍ର'୯୧ ତରଫରୁ ରେଭେନ୍‌ଶା ପରିସରର ଉନ୍ନତି ଏବଂ ସମୋଜିକ କାର୍ଯ୍ୟକ୍ରମ କରିବା ପାଇଁ ସଂକଳ୍ପ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିବାବେଳେ ଡ. ଦୁଃଖୀଶ୍ୟାମ ମିଶ୍ର, ଅମିୟବାଳା ପରିଡା, ଜ୍ୟୋତିରଞ୍ଜନ ରାୟ, ଧୀରେନ୍ଦ୍ର କର, ମନୋରଞ୍ଜନ ମହାନ୍ତି ଓ ଦିନେଶ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।




ରେଭେନ୍‌ଶାଠାରେ ରବିବାର ଅନୁଷ୍ଠିତ ରୁଦ୍ର'୯୧ରେ ପୁରାତନ ଛାତ୍ରୀଛାତ୍ର।

# ଆଧୁନିକ ଜ୍ଞାନକୌଶଳରେ ବିଦ୍ୟୁତ୍ ସଞ୍ଚାରଣକୁ ଗୁରୁତ୍ୱ

## ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲି.ର ଅଷ୍ଟାଦଶ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨।୪(ବ୍ୟୁରୋ)

ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିଃ(ଓପିଟିସିଏଲ୍)ର ୧୮ତମ ପ୍ରତିଷ୍ଠା ଦିବସ ରବିବାର ରମାଦେବୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଓପିଟିସିଏଲ୍ ଏକ ଅଗ୍ରଣୀ ବିଦ୍ୟୁତ୍ ସଞ୍ଚାର ନିଗମ ଭାବେ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଚଳିତ ବର୍ଷ ଦେଶର ଶ୍ରେଷ୍ଠ ବିଦ୍ୟୁତ୍ ସରବରାହ ସଂସ୍ଥା ଭାବେ ଏହି ନିଗମ ସିବିଆଇପି ଦ୍ୱାରା ପୁରସ୍କୃତ ହେବା ଅତ୍ୟନ୍ତ ଗୌରବର କଥା। ଓଡିଶାର ପୁରପଲ୍ଲୀରେ ବିଦ୍ୟୁତ ସଞ୍ଚାରଣ ପାଇଁ ଏହି ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଆଗରୁ ଘନ ଘନ ବିଦ୍ୟୁତ୍ କାଟ ଓ ଲୋ ଭୋଲ୍‌ଟେଜ ସମସ୍ୟା ରହୁଥିବାବେଳେ ୨୦୦୮ ପରଠାରୁ ଏହି ସମସ୍ୟା ଦୂର ହୋଇଛି। ବର୍ତ୍ତମାନ ବିଦ୍ୟୁତ୍ ସଞ୍ଚାରଣ ସନ୍ତୋଷଜନକ ସ୍ଥିତିରେ ଥିଲେ ମଧ୍ୟ ପ୍ରତିବର୍ଷ ବିଦ୍ୟୁତ୍ ଗ୍ରାହକ ସଂଖ୍ୟା ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ଘଟୁଥିବାରୁ ଆଗାମୀ ଦିନରେ ସେବା ଯୋଗାଇବା ଆହ୍ୱାନମୂଳକ ହେବ। ତେଣୁ ଆଧୁନିକ ଜ୍ଞାନ କୌଶଳରେ ବିଦ୍ୟୁତ୍ ସେବା ପ୍ରଦାନ କରି ଓପିଟିସିଏଲ୍ ଗ୍ରାହକଙ୍କ ଆସ୍ଥାଭାଜନ ହେଉ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ କହିଲେ, ଓପିଟିସିଏଲ ଦେଶରେ ରୋଲ୍ ମଡେଲ ହୋଇପାରିଛି। ଓପିଟିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ଯୋଗଦେଇ କହିଲେ, ନିଗମର ବିଦ୍ୟୁତ୍ ସରବରାହ କ୍ଷମତା ୨୫୦୦୦ ଏମ୍‌ଭିଏକୁ ବୃଦ୍ଧି ପାଇଛି। ସେହିପରି ବିଦ୍ୟୁତ୍ ସଞ୍ଚାରଣ ୧୬ହଜାର ସର୍କିଟ କିଲୋମିଟର ରହିଛି, ଯାହା ରାଜ୍ୟରେ ବିଦ୍ୟୁତ୍ ସଂଚାରଣ ବ୍ୟବସ୍ଥାକୁ ସୁଦୃଢ କରୁଛି। ଖୁବ୍‌ଶୀଘ୍ର ପାରାଦୀପ ଇଣ୍ଡଷ୍ଟ୍ରୀ କରିଡରରେ ୭୬୫ କେଭି ଅତ୍ୟୁଚ୍ଚ କ୍ଷମତା ସଂପନ୍ନ ସବ୍‌ଷ୍ଟେସନ ସ୍ଥାପନ ହେବାକୁ ଯାଉଛି। ଏଥିସହ ଆଗାମୀ ୧୦ ବର୍ଷର ବିଦ୍ୟୁତ୍ ଚାହିଦା ଏବଂ ଶିଳ୍ପ ବିକାଶକୁ ଦୃଷ୍ଟିରେ ରଖି ଓପିଟିସିଏଲ ଏକ ସୁଦୃଢ଼ ଯୋଜନା ୧୪ତମ ଓ ୧୫ତମ ଟ୍ରାନ୍ସମିଶନ ପ୍ଲାନ୍‌ରେ କରିବାକୁ ଯାଉଥିବା ମିଶ୍ର ପ୍ରକାଶ କରିଥିଲେ। ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ଷ୍ଟେଟ୍ ଲୋଡ୍ ଡେସ୍‌ପାଚ୍ ସେଣ୍ଟର (ଏସ.ଏଲ.ଡି.ସି)ର ନିର୍ଦ୍ଦେଶକ ବି.ବି. ମେହେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନ୍ୟୁ ଡୁବୁରୀ, ଜୟନଗର, ମାଲକାନଗିରି, ତାରକେରା, ନୟାଗଡ଼, ରଣସିଂହପୁରସ୍ଥିତ ବିଭିନ୍ନ କ୍ଷମତାସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନଗୁଡିକୁ ଶ୍ରେଷ୍ଠ 'ଗ୍ରୀଡ୍ ଷ୍ଟେଶନ' ଭାବେ ପୁରସ୍କୃତ କରାଯାଇଥିଲା। ଓପିଟିସିଏଲର ମାନବ ସମ୍ବଳ ମୁଖ୍ୟ ରଘୁନାଥ ପ୍ରତିହାରୀ ସ୍ୱାଗତ ଭାଷଣ ଦେଇଥିଲେ।




ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଶ୍ରେଷ୍ଠ 'ଗ୍ରୀଡ୍ ଷ୍ଟେଶନ' ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ରକ୍ତଦାନ ଶିବିର: ୩୪ ୟୁନିଟ୍ ସଂଗୃହୀତ

**ମାହାଙ୍ଗା,୨।୪(ସ୍ୱ.ପ୍ର):** ମାହାଙ୍ଗା ବ୍ଲକର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଓ ଓଡ଼ିଶା ଦିବସ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ବିରୂପା ନଦୀର ତଟଦେଶ ଶନିଘାଟଠାରେ ଆୟୋଜିତ ରକ୍ତଦାନ ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସନ୍ଧ୍ୟାରେ ଶିକ୍ଷାବିତ୍ ରବୀନ୍ଦ୍ରନାଥ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଫେସର କାର୍ତ୍ତିକେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ଅଖିଳେଶ ମହାନ୍ତି, କବି ପ୍ରଶାନ୍ତ କୁମାର କର, କବି ଉତ୍ତମ ଚରଣ ଜେନା ଯୋଗ ଦେଇଥିଲେ। ସେମାନେ ଓଡ଼ିଶା ଦିବସର ଗାରିମାମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସଦାଶିଷ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ବିଚିତ୍ରାନନ୍ଦ ସାହୁ , ବିଭୂତିଭୂଷଣ ସାହୁ, ରମାକାନ୍ତ ଦାସ, ହେମନ୍ତ ସାହୁ, କ୍ଷୀତିଶ ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପାରଦର୍ଶୀ ପୋର୍ଟାଲରେ ତ୍ରୁଟି, ଅଭିଭାବକଙ୍କ କ୍ଷୋଭ

**ଭୁବନେଶ୍ୱର,୨।୪(ବ୍ୟୁରୋ):** ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ଶିକ୍ଷାଧିକାର କ୍ଷୁଣ୍ଣ ହେଉଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ ଆଣିବା ସହ କ୍ଷୋଭ ପ୍ରକାଶ କରିଛି। ଶିକ୍ଷାଧିକାର ଆଇନ ଅଧୀନରେ ବେସରକାରୀ ସ୍କୁଲରେ ୨୫ ପ୍ରତିଶତ ଆସନରେ ନାମ ଲେଖାଇବା ପାଇଁ ପାରଦର୍ଶୀ ପୋର୍ଟାଲ ଖୋଲିଛି। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ଦେଖାଦେଉଥିବା ମହାସଂଘ କହିଛି। ନାମଲେଖା ଆବେଦନ ପାଇଁ ମାର୍ଚ୍ଚ ୧୩ରେ ପୋର୍ଟାଲ ଖୋଲିଥିଲେ ମଧ୍ୟ ଆବେଦନକାରୀଙ୍କ ନିକଟବର୍ତ୍ତୀ ବିଦ୍ୟାଳୟ ନାମ ଏଥିରେ ଦେଖାଇ ନ ଥିଲା। ଏପରି କି ପୋର୍ଟାଲରେ ପୂର୍ବବର୍ଷ ପରି ନର୍ସରୀ ଶ୍ରେଣୀର ନାମ ଲେଖା ପାଇଁ ବ୍ୟବସ୍ଥା ଉପଲବ୍ଧ ନାହିଁ। ଏପରି ଗୁରୁତର ତ୍ରୁଟି ଯୋଗୁ ଅଭିଭାବକମାନେ ନିକଟସ୍ଥ ସହଜ ସେବା କେନ୍ଦ୍ରରେ ରେଜିଷ୍ଟ୍ରେଶନ କରିବାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବା ସହିତ ହତାଶ ହୋଇପଡ଼ିଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୮ହଜାର ୭୦୦ ପିଲା ପଞ୍ଜୀକରଣ କରିଥିଲେ ମଧ୍ୟ ଅନେକ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିନାହାନ୍ତି। ଏହି ଅବ୍ୟବସ୍ଥା ଦୂର କରିବା ଦାବିରେ ରବିବାର ଶତାଧିକ ଅଭିଭାବକ ସୂଚନା ଭବନ ସମ୍ମୁଖରେ ଏକାଠି ହୋଇଥିଲେ। ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟଙ୍କ ସମେତ ଭୁବନେଶ୍ୱରର ପ୍ରାୟ ୩ଶହରୁ ଅଧିକ ଅଭିଭାବକ ଯୋଗଦେଇ ବିଭିନ୍ନ ତ୍ରୁଟି ଥିବା ଅଭିଯୋଗ କରିଥିଲେ। ଆସନ ଖାଲି ଖାଲି ଥାଇ ମଧ୍ୟ ଆଲର୍ଟ କରାଯିବା, ବନ୍ଦ ଥିବା ସ୍କୁଲର ନାମ ପୋର୍ଟାଲରେ ଦେଖାଇବା ଓ ସ୍କୁଲ ଦାବି କରୁଥିବା ଦେୟ ଉପରେ ଆଲୋଚନା ହୋଇଥିଲା। ଏହାସହ ନିଃଶୁଳ୍କ ବହି, ୟୁନିଫର୍ମ ଓ ଜୋତା ପ୍ରଦାନ ସଂକ୍ରାନ୍ତରେ ମଧ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଏନେଇ ଅଭିଯୋଗପତ୍ର ଦିଆଯିବ ବୋଲି ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ ୯ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ରାତାରାତି ମରାମତି କରି ରଙ୍ଗ ବୋଳିଦେଲେ

**ବାଙ୍କୀ,୨।୪(ସ୍ୱ.ପ୍ର.)**


ଶନିବାର ପୂର୍ବାହ୍ନରେ ଭୁଶୁଡ଼ି ପଡ଼ିଥିବା ବାଙ୍କୀ କଲେଜ ମିନି ଷ୍ଟାଡିୟମ୍ ଗ୍ୟାଲେରି।


୨୪ ଘଣ୍ଟା ମଧ୍ୟରେ ତରବରିଆ ଭାବେ ମରାମତି କରି ରବିବାର ରଙ୍ଗ ବୋଳାଯାଇଛି।

**ବାଙ୍କୀ ମହାବିଦ୍ୟାଳୟ ମିନି ଷ୍ଟାଡିୟମ ଗ୍ୟାଲେରି ଭୁଶୁଡ଼ିବା ଘଟଣା**
- ମୁହଁ ଖୋଲୁ ନାହାନ୍ତି ବିଭାଗୀୟ ଯନ୍ତ୍ରୀ
- ନିମ୍ନମାନର କାମ ଅଭିଯୋଗରେ ଠିକାଦାରଙ୍କ ବିରୋଧରେ ଭାଜପାର ଏତଲା

ଉଦ୍‌ଘାଟନର ୧୦ଦିନ ମଧ୍ୟରେ ବାଙ୍କୀ କଲେଜ ମିନି ଷ୍ଟାଡିୟମ ଗ୍ୟାଲେରି ଶନିବାର ଭୁଶୁଡ଼ିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷାରେ ଗ୍ୟାଲେରି ଭୁଶୁଡ଼ିବା ଘଟଣା ଲୋକଙ୍କ ମଧ୍ୟରେ ଯେତିକି ଅସନ୍ତୋଷ ସୃଷ୍ଟି କରିଛି, ରାତାରାତି ମରାମତି ଘଟଣା ତା'ଠୁ ଅଧିକ ଚକିତ କରିଛି। ବ୍ୟବହାର ହେବା ପୂର୍ବରୁ ମିନି ଷ୍ଟାଡିୟମ ଗ୍ୟାଲେରି କିପରି ଭାଙ୍ଗିଲା, ସେନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ପୂର୍ବରୁ ୨୪ଘଣ୍ଟା ମଧ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ସ୍ଥାନୀୟ ଠିକାଦାରଙ୍କ ମାଧ୍ୟମରେ ମରାମତି କରାଯାଇ ରଙ୍ଗ ମାରି ଦିଆଯାଇଛି। ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରୟାସ କରାଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିବ୍ୟରଞ୍ଜନ ପଣ୍ଡାଙ୍କୁ ପଚାରିଲେ ସେ ରବିବାର ଛୁଟି, ସୋମବାର କହିବେ ବୋଲି କହି କୌଣସି ମତ ଦେଉନାହାନ୍ତି। ଏପରି କି ପିଡବ୍ଲୁଡି ଏସ୍‌ଡିଓ ସବିତା ସୋରେନଙ୍କୁ ଯୋଗାଯୋଗ କଲେ ମଧ ସେ ଫୋନ ଉଠାଉ ନାହାନ୍ତି। ତେବେ କାହା ନିର୍ଦ୍ଦେଶରେ ଭାଙ୍ଗି ଯାଇଥିବା ଗ୍ୟାଲେରିକୁ ମରାମତି କରାଗଲା ସେନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଅପରପକ୍ଷରେ ଏହି ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଦୀର୍ଘ ବର୍ଷ ପୂର୍ବରୁ ଆର୍ଥିକ ଅନୁଦାନ ଆସିଥିଲେ ମଧ୍ୟ ତାହାର ନିର୍ମାଣ କରା ନ ଯାଇ ଅର୍ଥ ପକାଇ ରଖାଯାଇଥିଲା। ୟୁଜିସି ପକ୍ଷରୁ ଟଙ୍କା ଫେରସ୍ତ ପାଇଁ ଚିଠି ଆସିବା ପରେ ବାଙ୍କୀ କଲେଜ କର୍ତ୍ତୃପକ୍ଷଙ୍କ ଚେତା ପଶିଥିଲା। ଫଳରେ ତରବରିଆ ଭାବରେ ଏହି କାର୍ଯ୍ୟ କରାଯାଇ ଗତ ୨୩ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷାରେ ଗ୍ୟାଲେରିର ଏକ ଅଂଶ ଭୁଶୁଡ଼ି ପଡ଼ିଲା। ଏହି ପ୍ରକଳ୍ପ ନିର୍ମାଣ ନିମ୍ନମାନର ଏବଂ ଏହାଦ୍ୱାରା ଲକ୍ଷାଧିକ ଟଙ୍କା ବରବାଦ ହୋଇଥିବା ଯୋଗୁଁ ଠିକାଦାର ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଭାଜପା ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବାଙ୍କୀ ନଗର ଭାଜପା ପକ୍ଷରୁ ସଭାପତି ପ୍ରଣବ ମହାପାତ୍ର ଏବଂ ଏକ ପ୍ରତିନିଧି ମଣ୍ଡଳୀ ରବିବାର ବାଙ୍କୀ ଥାନାରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ସଂଗ୍ରାମ ବିଭୂତି ରାୟ, ଜଗନ୍ନାଥ ନାୟକ, ଅଜିତ୍ କୁମାର ସୁବୁଦ୍ଧି, ରମାନାଥ ଦଳେଇ, ଦିଲ୍ଲୀପ କୁମାର ବସନ୍ତରା, ଲିଙ୍ଗରାଜ ରାଉତ, ଶିବପ୍ରସାଦ ମାଝି, ଜିତେନ କୁମାର ଲେଙ୍କା, ଗୋଖା ବେହେରା, ସନାତନ ସାହୁଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ସାମିଲ ଥିଲେ। ବାଙ୍କୀ ମହାବିଦ୍ୟାଳୟରେ ବହୁ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବାନେଇ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା ଏନେଇ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଭାଜପା ନଗର ସଭାପତି ମହାପାତ୍ର ଅଭିଯୋଗ କରିଛନ୍ତି।

### ଏଟିଏମ୍ କାଟି ନେଇଗଲେ ୩୧ ଲକ୍ଷ

**ଖୋର୍ଦ୍ଧା ଅଫିସ,୨।୪**

ଖୋର୍ଦ୍ଧା ସଦର ଥାନା ବଣିଆଟାଙ୍ଗୀ ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ କାଟି ଲୁଟେରାମାନେ ୩୧ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୨/୨୩)ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ଟଙ୍କା ଲୁଟିନେଇଛନ୍ତି। ଶନିବାର ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ବିଦିତା ନାୟକ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଏଟିଏମ୍ ଆଖପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ କେତେ ଟଙ୍କା ଲୁଟ୍ ହୋଇଛି ତା'ର ପର୍ଦ୍ଦାଫାଶ କରାଯିବ। କିଛିଦିନ ପୂର୍ବେ ଟାପଙ୍ଗ, ମଳିପଡ଼ା, ଧଉଳିମୁହଁ ଆଦି ଅଞ୍ଚଳର ଏକାଧିକ ମନ୍ଦିରରୁ ଚୋରି ହୋଇଥିଲା। ଏପରିକି ରାଜପଥର ମଳିପଡ଼ା, ଟାପଙ୍ଗ ଛକରେ କେତେଜଣ ଲୁଟେରା ଲୁଟପାଟ କରୁଥିବା ଅଭିଯୋଗ ହୋଇଛି। ପୋଲିସ ପାଟ୍ରୋଲିଂ ଢିଲା ଯୋଗୁ ଲୁଟେରା ଗ୍ୟାଙ୍ଗ ମାତିଥିବା ସାଧାରଣ ଅଭିଯୋଗ ହେଉଛି।

# ମଧୁସୂଦନଙ୍କ ମାଟିରେ ସାଲେପୁର ମହୋତ୍ସବ ନିଆରା



ସାଲେପୁର ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

**ସାଲେପୁର,୨।୪( ଡି.ଏନ.ଏ)**

ସାଲେପୁର ମହୋତ୍ସବ ଶନିବାର ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଯାଇଛି। ସାଲେପୁର ମଧୁସ୍ମୃତି ପରିଷଦ ସଭାପତି ତଥା ବିଧାୟକ ପ୍ରଶାନ୍ତ ବେହେରା ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମଧୁସୂଦନ ଦାସଙ୍କ ମାଟିରେ ସାଲେପୁର ମହୋତ୍ସବ ନିଆରା ବୋଲି କହିଥିଲେ। ଓଡ଼ିଶା ଦିବସକୁ ସ୍ମରଣୀୟ କରିବା ପାଇଁ ଏହି ମହୋତ୍ସବର ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗ ଦେଇ ସାଲେପୁର ମାଟିର ମହକକୁ ସାରା ବିଶ୍ୱରେ ପହଞ୍ଚାଇବାକୁ ଆଗାମୀ ପିଢ଼ିର ଯୁବକ ଓ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ନରସିଂହପୁର ବିଧାୟକ ଦେବୀ ପ୍ରସାଦ ମିଶ୍ର, ଯୋଜନା ବୋର୍ଡ ଅଧକ୍ଷ ତଥା ନିଆଳି ବିଧାୟକ ଡ ପ୍ରମୋଦ ମଲ୍ଲିକ, କଟକ ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମଧୁସ୍ମୃତି ପରିଷଦର ସଦସ୍ୟମାନେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରକୁ ଯାଇ ସେଠାରେ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରା କରିଥିଲେ। ପରିଷଦର ସଭାପତି ତଥା ବିଧାୟକ ବେହେରାଙ୍କ ନେତୃତ୍ୱରେ ମଧୁବାବୁଙ୍କ ଏନ୍ତୁଡ଼ିଶାଳରୁ ମଧୁଜ୍ୟୋତି ଅଣାଯାଇ ସମାରୋହ ସ୍ଥଳରେ ସ୍ଥାପନ କରାଯାଇଥିଲା। ମଧୁ ସ୍ମୃତି ପରିଷଦ ସମ୍ପାଦକ ଦିଲୀପ ଦାଶ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହାକୁ ପରିଚାଳନାରେ ମଧୁସ୍ମୃତି ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ମହୋତ୍ସବ ସ୍ଥଳରେ ବହୁ ପ୍ରକାର ଷ୍ଟଲ ପଡ଼ିଥିବାବେଳେ ହଜାର ହଜାର ଦର୍ଶକଙ୍କ ଭିଡ ଜମୁଛି।

### ରେଭେନ୍‌ଶାରେ ରୁଦ୍ର'୯୧ ସମ୍ମିଳନୀ

**ଭୁବନେଶ୍ୱର, ୨।୪ (ବ୍ୟୁରୋ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯୯୧ ବ୍ୟାଚ୍ ସ୍ନାତକୋତ୍ତର ପୁରାତନ ଛାତ୍ରସଂଘ 'ରେଭେନ୍‌ଶାଭିୟାନ୍ ପିଜି-୯୧' ପକ୍ଷରୁ ଅର୍ଜ ଡ୍ରିଭେନ୍ ରିଲେସନ୍‌ଶିପ୍ ଆଡ୍‌ଭାନ୍ସମେଣ୍ଟ (ରୁଦ୍ର'୯୧) ସମ୍ମିଳନୀ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ୩୨ ବର୍ଷ ପରେ ପ୍ରଥମ କରି ଆୟୋଜିତ ହୋଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ରେଭେନ୍‌ଶା ପରିସରରେ ସମ୍ମିଳିତ ହୋଇ ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲେ। ବୃକ୍ଷରୋପଣ ସହ ଉପକୁଳପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀଛାତ୍ର ଓଡ଼ିଶା କ୍ରିକେଟ କ୍ଲବ ପରିସରରେ ପୁନର୍ମିଳନ ଦିବସକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ। ଆଗାମୀ ବର୍ଷଗୁଡ଼ିକରେ ରୁଦ୍ର'୯୧ ତରଫରୁ ରେଭେନ୍‌ଶା ପରିସରର ଉନ୍ନତି ଏବଂ ସମୋଜିକ କାର୍ଯ୍ୟକ୍ରମ କରିବା ପାଇଁ ସଂଙ୍କଳ୍ପ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିବାବେଳେ ଡ. ଦୁଃଖୀଶ୍ୟାମ ମିଶ୍ର, ଅମିୟବାଳା ପରିଡା, ଜ୍ୟୋତିରଞ୍ଜନ ରାୟ, ଧୀରେନ୍ଦ୍ର କର, ମନୋରଞ୍ଜନ ମହାନ୍ତି ଓ ଦିନେଶ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।


ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ଶ୍ରୀରଘୁନାଥ ଜୀଉଙ୍କ ନବମୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ରବିବାର ଠାକୁରଙ୍କ ବନବାସୀ ବେଶ।

# ଗୋସାଗରେଶ୍ୱର ଛକରେ ଅଟକିଲା ରଥ

**ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ାଯାତ୍ରା**

**ପୁରୁଣା ଭୁବନେଶ୍ୱର,୨।୪(ଡି.ଏନ୍.ଏ.)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ରାମେଶ୍ୱର ମନ୍ଦିରରୁ ଭଉଣୀ ରୁକୁଣା ଦେବୀ, ପ୍ରଭୁ ଦୋଳଗୋବିନ୍ଦଙ୍କ ସହ ରୁକୁଣା ରଥରେ ଅବସ୍ଥାନ କରି ସ୍ୱ ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ତେବେ ସୂର୍ଯ୍ୟାସ୍ତ ହୋଇଯିବାରୁ ଗୋସାଗରେଶ୍ୱର ଛକଠାରୁ ଅନତି ଦୂରରେ ରଥ ଅଟକି ରହିଛି।

ଲିଙ୍ଗରାଜ ମନ୍ଦିରରେ ଦୈନିକ ନୀତି ମଙ୍ଗଳ ଆଳତି ସରିବା ପରେ ରାମେଶ୍ୱର ମନ୍ଦିରରେ ସକାଳଧୂପ କରାଯାଇଥିଲା। ଏହାପରେ ଶ୍ରୀଜୀଉମାନେ ପହଣ୍ଡିରେ ବାହାରିଥିଲେ। ରଥାରୂଢ଼ ହେବାପରେ ପୂଜାପଣ୍ଡା ସେବାୟତ ଆଜ୍ଞାପ୍ରସାଦ ରଥ କାଳିସିଙ୍କୁ ପ୍ରଦାନ କରିଥିଲେ। କାଳସି ଘୋଡ଼ା ଉପରେ ବସି ରଥ ଟାଣିବାକୁ ଭକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଦାଣ୍ଡରେ ରଥ ଗଡ଼ି ଗଡ଼ି ଅସୁରକିଆରି ନିକଟରେ ପହଞ୍ଚିଥିଲା। ସେଠାରେ ଦ୍ୱିପ୍ରହର ଧୂପରେ ମୁଆଁ ଭୋଗ ହୋଇଥିଲା। ୨ଭଡ଼ା ମୁଆଁ ରଥ ଚକରେ ଦିଆଯିବା ପରେ କାଳିସି ରଥ ଟାଣିବାକୁ ପୁଣି କହିଥିଲେ। ସୂର୍ଯ୍ୟାସ୍ତ ହୋଇଯିବାରୁ ରଥ ଗୋସାଗରେଶ୍ୱର ଛକ ନିକଟ ଅନତି ଦୂରରେ ଅଟକି ରହିଥିଲା। ସୋମବାର ଅପରାହ୍ନରୁ ପୁନଃ ରଥ ଟଣାଯିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ କହାଯାଇଛି।

**୪ରେ ସ୍ୱର୍ଣ୍ଣାଦ୍ରି ବିଜେ**

ରୁକୁଣା ରଥ ସୋମବାର ରଥଖଳାରେ ପହଞ୍ଚିବ। ତେବେ ୬ ଦିନ ପଡୁଥିବାରୁ ଶ୍ରୀଜୀଉ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ନାହିଁ। ୪ ତାରିଖ(ମଙ୍ଗଳବାର) ସନ୍ଧ୍ୟାରେ ପହଣ୍ଡିରେ ଯାଇ ଶ୍ରୀଜୀଉ ସ୍ୱର୍ଣ୍ଣାଦ୍ରି ବିଜେ କରିବା ନେଇ ସ୍ଥିର ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପଶ୍ଚିମା ଝଡ଼ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ

**ତିଗିରିଆ,୨।୪(ଡି.ଏନ.ଏ.)**

ତିଗିରିଆ ବ୍ଲକ ପାଇକିଆଁରାଠାରୁ ଚଷାଆଁରାକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ପଶ୍ଚିମା ଝଡ଼ ପ୍ରଭାବରେ କିଛି ଦିନ ହେବ ବର୍ଷା ଲାଗି ରହିବାରୁ ଏହି ରାସ୍ତାରେ ଯାତାୟାତ ଏକରକମ ଠପ୍ ହୋଇଯାଇଛି। ପ୍ରତିବର୍ଷ ବନ୍ୟା ଆସିଲେ ଚଷାଆଁରା ଗ୍ରାମ ପ୍ରଥମେ ଜଳବନ୍ଦୀ ହୋଇଥାଏ। ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି କରିବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପାଇକିଆଁରାଠାରୁ ଚଷାଆଁରାକୁ ସଂଯୋଗ କରୁଥିବା ରାସ୍ତା ବୁଡ଼ି ନ ଯିବା ପାଇଁ ଏହାର ଉଚ୍ଚତା ବୃଦ୍ଧି କାର୍ଯ୍ୟ ଚାଲିଛି।


ପାଇକିଆଁରାଠାରୁ ଚଷାଆଁରାକୁ ସଂଯୋଗ କରୁଥିବା ରାସ୍ତା।

ଏନେଇ ରାସ୍ତା ଉପରେ ମାଟି ଗଦା ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ କିଛି ଦିନ ହେବ ବର୍ଷା ଲାଗି ରହିବାରୁ ମାଟି ସବୁ ରାସ୍ତା ଉପରକୁ ଚାଲି ଆସିଛି। ପାଣି ଲାଗିବା ପରେ ଟିକିଟା କାଦୁଅ ମାଟି ଭଳି ହୋଇଯାଇଛି। ଫଳରେ ସାଇକେଲ ଆରୋହୀଙ୍କଠାରୁ ଆରମ୍ଭ କରି ଦୁଇ ଚକିଆ ଓ ଚାରି ଚକିଆ ଚାଳକ ପ୍ରମୁଖ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ବାଇକ୍ ଆରୋହୀ ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହେଉଛନ୍ତି। ଏହି ରାସ୍ତା ଉପରେ ବାଙ୍କୀ ବ୍ଲକର ବନ୍ଦାଳ ଓ ତିଗିରିଆର ବଉନାଉପୁଟ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ଅଜଣା ରୋଗରେ ଗୋରୁ ଆକ୍ରାନ୍ତ, ଚିନ୍ତାରେ ଗୋପାଳକ

**ନିଶ୍ଚିନ୍ତକୋଇଲି,୨।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକରେ ଗୋରୁଙ୍କୁ ଅଜଣା ରୋଗ ପିଛା ଛାଡୁନାହିଁ। କେତେବେଳେ ଚର୍ମରୋଗ ତ କେତେବେଳେ ଫାଟୁଆ ବ୍ୟାପିବାରେ ଲାଗିଛି। ଏବେ ଋତୁ ପରିବର୍ତ୍ତନ ହୋଇଥିବାବେଳେ ହଠାତ ଗୋରୁ ଅଜଣା ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କୁ ଦୁର୍ଗନ୍ଧଯୁକ୍ତ ଝାଡ଼ା ହେଉଛି। ଏଥିଯୋଗୁ ଗୋରୁମାନେ ଦୁର୍ବଳ ହେବା ସହ କ୍ଷୀର କମାଇ ଦେଉଛନ୍ତି। ଏପରିକି ବାଛୁରୀମାନେ କ୍ରମାଗତ ଝାଡ଼ାରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡୁଛନ୍ତି। କେତେକାଂଶରେ ମଳରେ ରକ୍ତ ପଡୁଥିବାରୁ ଗୋପାଳକମାନେ ଭୟଭୀତ ହୋଇପଡ଼ିଛନ୍ତି। ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଳୟ ଡାକ୍ତର ଓ ଗୋ ଚାଷୀଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାର ସୁଯୋଗ ନେଇ କିଛି ସ୍ଥାନରେ ଗାଁର କ୍ୱାକ୍‌ମାନେ ମୋଟା ଅଙ୍କର ଅର୍ଥ ଶୋଷଣ କରି ଚିକିତ୍ସା କରୁଥିବା ବେଳେ ଆଉକିଛି ସ୍ଥାନରେ ଗୋଚାଷୀ ଜଡ଼ିବୁଟି ଦେଇ ଚିକିତ୍ସା କରୁଛନ୍ତି। ତେବେ ଉପଯୁକ୍ତ ଔଷଧ ମିଳୁ ନ ଥିବାରୁ ବହୁ ସ୍ଥାନରେ ଆକ୍ରାନ୍ତ ଗୋରୁଗୁଡ଼ିକ ମରଣ ସହ ସଂଗ୍ରାମ କରୁଛନ୍ତି।

ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ମାତ୍ର ୧୨ ଜଣ ଏଲଆଇ କାର୍ଯ୍ୟ କରୁଥିଲାବେଳେ ଦୀର୍ଘ ଦୁଇମାସ ହେଲା ଏଠାରେ କୌଣସି ସ୍ଥାୟୀ ପ୍ରାଣୀ ଚିକିତ୍ସାଧିକାରୀ ନାହାନ୍ତି। ନିକଟରେ ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ତନ୍ମୟ କୁମାର ମହାନ୍ତି କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ମାତ୍ର ଜଣେ ଅତିରିକ୍ତ ମହିଳା ପ୍ରାଣୀ ଚିକିତ୍ସାଧିକାରୀ ୪୧ ପଞ୍ଚାୟତର ଦାୟିତ୍ୱରେ ଥିବା କାରଣରୁ ଗୋରୁଙ୍କୁ ଆବଶ୍ୟକ ଚିକିତ୍ସା ସେବା ମିଳିପାରୁନାହିଁ। ଅପରପକ୍ଷରେ ସାଲେପୁର ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ ସମ୍ପୃକ୍ତ ଅଧିକାରୀ କାର୍ଯ୍ୟବ୍ୟସ୍ତ ହେତୁ ନିଶ୍ଚିନ୍ତକୋଇଲି ଅଞ୍ଚଳ ଉପରେ ବିଶେଷ ଧ୍ୟାନ ଦେଇପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି।


ଅଜଣା ରୋଗରେ ଆକ୍ରାନ୍ତ ଗୋରୁ।

ପ୍ରଶାସନ ତରଫରୁ ତୁରନ୍ତ ଏହି ବ୍ଲକକୁ ଆବଶ୍ୟକ କର୍ମଚାରୀ,ଡାକ୍ତର ଓ ଗୋରୁଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ ସାମଗ୍ରୀ ଯୋଗାଇ ଦେବାକୁ ଗୋପାଳକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଗୋ-ଚାଷୀ ବଲ୍ଲଭ ପଲେଇ କୁହନ୍ତି, ଏହି ରୋଗରେ ଆକ୍ରାନ୍ତ ଗୋରୁଙ୍କୁ ପ୍ରଥମେ ପତଳା ଝାଡ଼ା ହେଉଛି ଓ ପରେ ରକ୍ତ ଝାଡ଼ା ହେବାରୁ ଗାଈ ଦୁର୍ବଳ ହୋଇ କ୍ଷୀର ଦେଉନାହାନ୍ତି। ବାଛୁରୀ ଗୁରୁତର ହୋଇଯାଉଛନ୍ତି। ସରକାରୀ ଡାକ୍ତରଖାନାରେ ଏଭଳି ସ୍ଥିତିରେ ଡାକ୍ତର ନାହାନ୍ତି କି ଔଷଧ ମିଳୁନାହିଁ। ବେସରକାରୀ ଚିକିତ୍ସକଙ୍କ ସହାୟତାରେ ଗୋ- ଚିକିତ୍ସା କରି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଏ ସମ୍ପର୍କରେ ବିଡିଓଙ୍କ ଦାୟିତ୍ୱରେ ଥିବା ଅଧିକାରୀ ଦୀପକ ସେନାପତି କୁହନ୍ତି, ଏହା ଏକ ଖରାଦିନିଆ ଭୂତାଣୁଜନିତ ରୋଗ। ଏହି ରୋଗ ହେଲେ ଦୁଇ ଚାରିଦିନ ଭିତରେ ଭଲ ହୋଇଯାଏ। ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ପ୍ରତିଶେଧକ ନାହିଁ। ରୋଗର ଲକ୍ଷଣ ଆଧାରରେ ଔଷଧ ଦିଆଯାଏ। ଗୋ ଚାଷୀମାନେ ଡାକ୍ତରଖାନାକୁ ଆସି ମହଜୁଦ୍ ଥିବା ଔଷଧ ନେଇପାରିବେ। ଅପରପକ୍ଷେ ସେ ଦୁଇଟି ସ୍ଥାନର ଦାୟିତ୍ୱ ଥିବାରୁ ସବୁବେଳେ ନିଶ୍ଚିନ୍ତକୋଇଲିରେ ରହିପାରୁନାହାନ୍ତି ବୋଲି କହିଛନ୍ତି।

## ସଂକ୍ଷେପରେ

### ବିକାଶ ପାଇଁ ସଙ୍କଳ୍ପ ନେଲେ ବିକାଶ ପରିଷଦ ସଦସ୍ୟ

**ଜଟଣୀ,୨।୪(ଡି.ଏନ୍.ଏ.):** ଜଟଣୀ ବିକାଶ ପରିଷଦ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା'ବାରଭାଇ ଖଣ୍ଡୁଆଳି ମନ୍ଦିର ପରିସରରେ ସଙ୍ଗଠନ ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳନ୍ତରାୟ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ ଓ ଲୋକାଭିମୁଖୀ କରିବା ଉଦେଶ୍ୟରେ ମତ ରଖିଥିଲେ। ଜିଲା ବିଜେଡି କୋଷାଧକ୍ଷ ରାଜକିଶୋର ସ୍ୱାଇଁ, ଯୁବ ସଙ୍ଗଠକ ମନୋଜ ସ୍ୱାଇଁ, ବିଜୟ ପଣ୍ଡା, ଆଶୁତୋଷ ରାୟ, ବିଜେଡି ଜଲା ଉପସଭାପତି କୈଳାସ ମହାପାତ୍ର, ବିଜୟ ଛୋଟରାୟ, ରାଜକିଶୋର ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ନୂତନଭାବେ ନିର୍ବାଚିତ ହୋଇଥିବା ଜଟଣୀ ବାର୍ ଆସୋସିଏଶନର ୩ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଜଟଣୀର ସର୍ବାଙ୍ଗୀନ ଉନ୍ନତି କରିବାରେ ସମସ୍ତଙ୍କ ସହାଭାଗିତାରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

### ପଣା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

**କୃଷ୍ଣପ୍ରସାଦ,୨।୪(ଡି.ଏନ୍.ଏ.):** ଆସନ୍ତା ୧୪ ତାରିଖରେ ଓଡ଼ିଶା ପ୍ରସିଦ୍ଧ ଦ୍ୱିତୀୟ ବାଲିଯାତ୍ରା। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଦେଉଳପଡ଼ାର ଚିଲିକା ଓ ବଙ୍ଗୋପସାଗର କୂଳରେ ଅନୁଷ୍ଠିତ ଦ୍ୱିତୀୟ ବାଲିଯାତ୍ରା(ପଣାଯାତ୍ରା) ପାଇଁ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କଟକ ବାଲିଯାତ୍ରା କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହେଉଥିବା ବେଳେ ଏଠାରେ ଦ୍ୱିତୀୟ ବାଲିଯାତ୍ରା ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥାଏ। ଏହି ଯାତ୍ରାରେ ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରିଥାନ୍ତି। ବାଲିଯାତ୍ରାରେ ବୋଇତ ବନ୍ଦାଣ ହେଉଥିବା ବେଳେ ଦ୍ୱିତୀୟ ବାଲିଯାତ୍ରାରେ ୧୭ ଠାକୁର ଏବଂ ଶ୍ରଦ୍ଧାଳୁମାନଙ୍କ ମହାମିଳନ ହୋଇଥାଏ। ଏହି ବାଲିଯାତ୍ରା ୧୦ଦିନ ଧରି ଚାଲିଥାଏ। ଏଥିପାଇଁ ଶ୍ରୀକମଳେଶ୍ୱର ଦେବଙ୍କ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ପରିଚାଳନା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ କୁମାର ସାହୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସୁରେନ୍ଦ୍ର ନାଥ ମାଝି, ପ୍ରବୀର କୁମାର ଜେନା, ସୁରେନ୍ଦ୍ର କୁମାର ସାହୁ, ବୁଲାମଣି ଜେନା, ଅଶୋକ ତରେଇ, ପ୍ରହ୍ଲାଦ ଚୌଧୁରୀ, ବିଦ୍ୟାଧର ମାଝି ପ୍ରମୁଖ ମନ୍ଦିର ପରିସର ଏବଂ ଯାତ୍ରାପଡ଼ିଆ ସଫେଇ କରିଥିଲେ। ପୁଣି ୫ ଦିନ ପୂର୍ବରୁ ସଫେଇ କରାଯିବ ବୋଲି ସୂଚନା ମିଳିଛି।

### ଗାଁ ସମସ୍ୟା ବୁଝିଲେ ବିଧାୟକ

**ବାଲିପାଟଣା,୨।୪(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ପଞ୍ଚାୟତର ଚମ୍ପାବସ୍ତ ଗ୍ରାମରେ ରବିବାର ଅନୁଷ୍ଠିତ ଗ୍ରାମସଭାରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବା ସହିତ କୋଠଘର ଓ ପାନୀୟଜଳ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଓ ପାନୀୟଜଳ ଲାଗି ବିଧାୟକ ପାଣ୍ଠିରୁ ତୁରନ୍ତ ଅର୍ଥ ମଞ୍ଜୁର କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଶତାଧିକ ମହିଳା ଓ ଯୁବବର୍ଗ ଉପସ୍ଥିତ ଥିଲେ।

# ସ୍ୱମନ୍ଦିରକୁ ବାହୁଡ଼ିଲେ ଶ୍ରୀକପିଳେଶ୍ୱର

**ନିରାକାରପୁର,୨।୪(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ମାର୍ଚ୍ଚ ୨୯ରୁ ଚାଲୁରହିଥିବା ବେଳେ ରବିବାର ଦ୍ୱାଦଶୀରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ନୀତିକାନ୍ତି ହେବା ସହ ମଧ୍ୟାହ୍ନରେ ଭୋଗ ଲାଗିହୋଇଥିଲା। ସନ୍ଧ୍ୟା ୬ଟାରେ ଗ୍ରାମବାସୀଙ୍କ ଦ୍ୱାରା ଆସିଥିବା ପେଡ଼ିଭୋଗ (ଉଖୁଡ଼ା)ଲାଗି କରାଯାଇଥିଲା। ସାଢ଼େ ୭ଟାରେ ଆଳତି ଓ ଶୁଖୁଲି ଭୋଗ, ରାତି ୯ଟାରେ ଖେଚୁଡ଼ି ଭୋଗ ଲାଗି, ୯ଟା ୩୦ରେ ଶ୍ରୀଗଜପତିଙ୍କ ଉତ୍ତରାଧିକାରୀଙ୍କୁ ଶିରିପା ପ୍ରଦାନ, ୧୦ଟା ୩୦ରେ ଶ୍ରୀଜୀଉମାନଙ୍କ ବିମାନ ପହଣ୍ଡି ଓ ପଟୁଆର ଶୋଭାଯାତ୍ରା, ରାତି ସାଢେ ୧୨ଟାରେ ଶ୍ରୀଜୀଉମାନଙ୍କ ବାଟ ପହଣ୍ଡି ଆରମ୍ଭ ହୋଇଥିଲା। ସେହିପରି ରାତି ୧ଟା ୨୦ରେ ଠାକୁରମାନେ ପହଣ୍ଡି ଶୋଭାଯାତ୍ରାରେ ରଥାରୂଢ଼ ହେବାପରେ ଠାକୁରଙ୍କ ପରିଚାଳନା କମିଟି ପକ୍ଷରୁ ପଣାଲାଗି କରାଯାଇଥିଲା। ରାତି ସାଢେ ୧ଟାରେ ଅର୍ଥାତ୍ ନିଶାର୍ଦ୍ଧରେ ଶ୍ରୀଜୀଉଙ୍କ ବିଜୟା ରଥଟଣା ହୋଇଥିଲା। ଏହି ରଥ ପଣାକିଆରିରେ ପହଞ୍ଚିବା ପରେ ସେଠାରେ ଗୋପାଳମାନଙ୍କ ଦ୍ୱାରା ପଣାଭୋଗ ଲାଗି କରାଯାଇଥିଲା। ରଥକୁ ପୁନଃ ଟଣାଯିବା ସହ ଭେଟବାଲିରେ ପହଞ୍ଚିଥିଲା। ରାତ୍ର ୩ଟାରେ ମା' ନାରାୟଣୀ ଚାହାଣି ମଣ୍ଡପରେ ବିଜେ, ସାଢେ ୪ଟାରେ ଲେଣ୍ଡୋ ପଞ୍ଚାୟତ ଲଳିତାପାଟପୁର ଗ୍ରାମରେ ଅବସ୍ଥିତ ଶ୍ରୀବୃନ୍ଦାବନ ଚନ୍ଦ୍ର ଦେବଙ୍କର ରଥ ଉପରେ ଶ୍ରୀଜୀଉଙ୍କ ପାଖରେ ଚୁଡ଼ାଘସା ଭୋଗ, ଭୋର ୫ଟାରେ ମା'ନାରାୟଣୀଙ୍କର ଶ୍ରୀଜୀଉମାନଙ୍କୁ ଭେଟବାଲିରେ ଦର୍ଶନ କରିଥିଲେ। ତେବେ ସୋମବାର ତ୍ରୟୋଦଶୀରେ ସକାଳ ୬ଟାରେ ରଥଟଣା ଆରମ୍ଭ ହେବା ସହିତ ଅପରାହ୍ନ ୨ଟାରେ ଶ୍ରୀଜୀଉମାନଙ୍କୁ ସ୍ନାନମାର୍ଜନା ଓ ପ୍ରପାନକ ଲାଗି, ସାଢେ୨ଟାରେ ମଧ୍ୟାହ୍ନ ଧୂପ, ଅପରାହ୍ନ ୪ଟାରେ ସର୍ବସାଧାରଣ ଶ୍ରୀଜୀଉଙ୍କୁ ଦର୍ଶନ, ଅପରାହ୍ନ ୫ଟାରେ ନିମନ୍ତ୍ରିତ ହୋଇ ଆସିଥିବା ଶ୍ରୀଗ୍ରାମେଶ୍ୱର ଦେବ ଓ ଗ୍ରାମେଶ୍ୱରୀଙ୍କୁ ମେଲାଣି ଦିଆଯିବ ବୋଲି ଜଣାପଡ଼ିଛି।



**ଗମ୍ଭାରୀମୁଣ୍ଡା:** ବାଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଭବାନୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବିଜେଡିର କର୍ମୀ ସମ୍ମିଳନୀ।

## ବିଜେଡିର କର୍ମୀ ସମ୍ମିଳନୀ

**ଗମ୍ଭାରୀମୁଣ୍ଡା,୨।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ନେରେନ୍ଦ୍ରପୁର ପଞ୍ଚାୟତର ଭବାନୀ ମନ୍ଦିର ପ୍ରାଙ୍ଗଣରେ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ପ୍ରତିନିଧି ମାନସ ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନରେନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୫ଶହରୁ ଉର୍ଦ୍ଧ୍ୱ ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଆଗାମୀ ୨୦୨୪ ନିର୍ବାଚନରେ କିଭଳି ରଣନୀତି ପ୍ରସ୍ତୁତ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କିଭଳି ତୃଣମୂଳସ୍ତରରୁ ସଙ୍ଗଠନକୁ ଆହୁରି ସୁଦୃଢ଼ କରାଯାଇପାରିବ ସେନେଇ ମଧ୍ୟ ଆଲୋକପାତ କାରାଯାଇଥିଲା। ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀମାନେ ସେମାନଙ୍କର ମତାମତ ରଖିଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ ରଖିବା ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବା ପାଇଁ ମତପ୍ରକାଶ ପାଇଥିଲା।

## କନ୍‌ଷ୍ଟେବଲ ଶ୍ରବଣଙ୍କୁ 'ଡିଜିପି ଡିସ୍କ ପଦକ'

**ଖୋର୍ଦ୍ଧା ଅଫିସ,୨।୪**



ଶ୍ରବଣ କୁମାର ସାହୁ ପଦକ ଗ୍ରହଣ କରୁଛନ୍ତି।

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶନିବାର ୮୮ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନିଲ କୁମାର ବଂଶଲ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଖୋର୍ଦ୍ଧା ପୋଲିସ ଅଧୀନରେ କାର୍ଯ୍ୟରତ କନଷ୍ଟେବଲ ଶ୍ରବଣ କୁମାର ସାହୁଙ୍କୁ ନିଷ୍ଠାପର କାର୍ଯ୍ୟ ପାଇଁ ଡିଜିପି ବଂଶଲ 'ଡିଜିପି ଡିସ୍କ ପଦକ' ପ୍ରଦାନ କରିଛନ୍ତି। ଲୋକଙ୍କ ସେବା ପାଇଁ ଶ୍ରବଣ ସର୍ବଦା ପ୍ରଶଂସା ସାଉଁଟିଛନ୍ତି। କରୋନା ସମୟରେ ସାଧାରଣ ଲୋକଙ୍କୁ ସେବା ଓ ସହଯୋଗର ହାତ ବଢାଇଥିଲେ। ପଦ ବିଜେତା ଶ୍ରବଣଙ୍କୁ ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ ଏବଂ ଅନ୍ୟ ପୋଲିସ ଅଧିକାରୀ ଶୁଭେଚ୍ଛା ଜଣାଇଛନ୍ତି।

## ଏଟିଏମ୍ କାଟି ନେଇଗଲେ ୩୧ ଲକ୍ଷ

**ଖୋର୍ଦ୍ଧା ଅଫିସ,୨।୪**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ କାଟି ଲୁଟେରାମାନେ ୩୧ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୨/୨୩)ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚକରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ସେଥିରେ ଥିବା ଟଙ୍କା ଲୁଟିନେଇଛନ୍ତି। ଶନିବାର ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ବିଦିତା ନାୟକ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଏଟିଏମ୍ ଆଖପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ କେତେ ଟଙ୍କା ଲୁଟ୍ ହୋଇଛି ତା'ର ପର୍ଦ୍ଦାଫାଶ କରାଯିବ। ସୂଚନାଥାଉ କି, କିଛିଦିନ ପୂର୍ବେ ତାପଙ୍ଗ, ମଳିପଡା, ଧଉଳିମୁହଁ ଆଦି ଅଞ୍ଚଳର ଏକାଧିକ ମନ୍ଦିରରୁ ଚୋରି ହୋଇଥିଲା। ଏପରିକି ରାଜପଥର ମଳିପଡା, ତାପଙ୍ଗ ଛକରେ କେତେଜଣ ଲୁଟେରା ଲୁଟପାଟ କରୁଥିବା ଅଭିଯୋଗ ହୋଇଛି। ପୋଲିସ ପାଟ୍ରୋଲିଂ ଢିଲା ଯୋଗୁ ଲୁଟେରା ଗ୍ୟାଙ୍ଗ ମାତିଥିବା ସାଧାରଣ ଅଭିଯୋଗ ହେଉଛି।

# ୨ଦିନରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୨।୪**

### ଧରାପଡ଼ିଲେ ୩ ମଦ୍ୟପୀ ଚାଳକ

ରାଜ୍ୟରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ସଡ଼କ ପରିବହନ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଏପ୍ରିଲ ପହିଲାରୁ ୭ତାରିଖ ପର୍ଯ୍ୟନ୍ତ ଜିରୋ କାଜୁଆଲିଟି ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ପରିବହନ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତଭାବେ ବିଭିନ୍ନ ସ୍ଥାନରେ ଚେକିଂ ଯୋରଦାର କରାଯାଇଛି। ଶନିବାର ୫୭ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଖୋର୍ଦ୍ଧା ଓ ବାଘମାରୀ ପୋଲିସ ସହାୟତରେ ଚେକିଂ କରାଯାଇ ୬୭ଜଣଙ୍କୁ ଜରିମାନା କରାଯାଇଥିବା ବେଳେ ଜଣେ ନାବାଳକ ଗାଡି ଚଳାଇ ଧରାପଡିଥିଲେ। ତେବେ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ରବିବାର ପରିବହନ ବିଭାଗ ଓ ସଦର ଥାନା ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥର ଦଳେଇପୁଟ, ଦଧିମାଛଗାଡିଆ ସମେତ ବେଗୁନିଆ ଓ ବାଘମାରୀ ପୋଲିସ ସହ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୭୩ ଜଣଙ୍କୁ ଜରିମାନା କରାଯାଇଛି। ୬ ଲକ୍ଷ ୧୮୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସନ୍ଧ୍ୟା ସମୟରେ ଯାଞ୍ଚ ଚାଲିଥିବା ବେଳେ ୩ଜଣ ମଦ୍ୟପୀ ଗାଡିଚାଳକ ଏମ୍‌ଭିଆଇଙ୍କ ହାତରେ ଧରାପଡିଛନ୍ତି। ଦୁଇ ଦିନରେ ମୋଟ୍ ୧୪୦ଜଣଙ୍କ ଠାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ ସୂଚନା ଦେଇଛନ୍ତି। ସଦର ଏସ୍‌ଡିପିଓ ଦିଲୀପ ଦାସ କୁହନ୍ତି, ପୋଲିସ ପକ୍ଷରୁ ଚେକିଂକୁ କଡାକଡି କରାଯାଇଛି। ପିଲାମାନେ ଗାଡି ଚଳାଉଥିବା ଧରାପଡିଲେ ଦଣ୍ଡ ଗଣିବେ ଅଭିଭାବକ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଚେକିଂ ଷ୍ଟାଫ ରହିବେ। ସାତଦିନ ମଧ୍ୟରେ ରାସ୍ତାରେ ଯେପରି ଦୁର୍ଘଟଣା ନ ଘଟେ, ଜଣକ ଜୀବନ ନ ଯାଏ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ବୁଦ୍ଧିଜୀବୀ ଗୋପାଳ ଦାସ କୁହନ୍ତି, କେବେଳ ଜରିମାନା ଆଦାୟ କଲେ ଦୁର୍ଘଟଣା କମିବ ନାହିଁ। ଏନେଇ ଶିକ୍ଷାନୁଷ୍ଠାନରେ କଲେଜ ବିଦ୍ୟାର୍ଥୀ, ଯୁବପିଢ଼ିଙ୍କୁ ଟ୍ରାଫିକ ନିୟମ ଉପରେ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉ। ଏଥିପ୍ରତି ପରିବହନ ବିଭାଗ ଦୃଷ୍ଟି ଦେବା ଜରୁରୀ।



ଅମାନିଆ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

## ଟିଛିଣି ବକେୟା ବିଦ୍ୟୁତ୍ ବିଲ୍‌ରୁ ମୁକ୍ତ

**କୃଷ୍ଣପ୍ରସାଦ,୨।୪(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ବିଦ୍ୟୁତ୍ ସେକ୍ସନ ଅଧୀନ ଅଲଣ୍ଡା ପଞ୍ଚାୟତର ଟିଛିଣି ଗ୍ରାମରେ ବକେୟା ବିଦ୍ୟୁତ ବିଲ୍ ସଂଶୋଧନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ଜେନା, ସମ୍ପାଦକ ବିଦେଶୀ ପଲେଇଙ୍କ ସହାୟତାରେ ମାଲୁଦ ବିଦ୍ୟୁତ୍ ସେକ୍ସନର ସମସ୍ତ ଅଧିକାରୀଙ୍କ ନେତୃତ୍ୱରେ ଟିଛିଣି ଗ୍ରାମରେ ଥିବା ୨୩୪ କଞ୍ଜୁମରଙ୍କ ନିକଟରୁ ୮ଲକ୍ଷ ୫୯ହଜାର ଟଙ୍କା ନେଇ ସମସ୍ତ ବିଦ୍ୟୁତ୍ ବିଲ ସଂଶୋଧନ କରାଯାଇ ବକେୟା ବିଦ୍ୟୁତ୍ ବିଲରୁ ଗ୍ରାମକୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଛି। କୁମର ସାହୁ, ବିଭୁତି ଭୂଷଣ ଜେନାଙ୍କ ସମେତ ଗ୍ରାମ୍ୟ କମିଟିର ସମସ୍ତ ମେମ୍ବର ସହଯୋଗ କରିଥିଲେ।

## ୬ ରେ ଜଟଣୀ ପୁସ୍ତକ ମେଳା




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଜଟଣୀ,୨।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଉତ୍ତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୨୨ତମ ଜଟଣୀ ପୁସ୍ତକ ମେଳା ଆସନ୍ତା ୬ ତାରିଖରେ ଉଦ୍‌ଘାଟନ ହେବ। ରବିବାର ପୁସ୍ତକ ମେଳା ସମିତିର କାର୍ଯ୍ୟକାରୀ ସଭାପତି କୁମର ମୋହନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଚଳିତ ପୁସ୍ତକ ମେଳାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ୭ ଦିନ ବ୍ୟାପୀ ହେବାକୁଥିବା ଏହି ପୁସ୍ତକ ମେଳାରେ ନାଇଜର ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସଭାପତି ମୁକ୍ତିକାନ୍ତ ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ଡିନ୍ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ରମେଶ ଚନ୍ଦ୍ର ପଣ୍ଡା, ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ପ୍ରମୁଖ ଯୋଗଦେବେ। ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ଜଣଙ୍କୁ ସମ୍ମାନ ପ୍ରଦାନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କୃତ କରାଯିବ। ଏଥିସହ ପୁସ୍ତକ ମେଳା ସ୍ମରଣିକା ଉନ୍ମୋଚନ କରାଯିବ। ୨୫ଟି ପୁସ୍ତକ ପ୍ରକାଶନୀ ସଂସ୍ଥା ମେଳାରେ ଅଂଶଗ୍ରହଣ କରିବା ସହିତ ୩ଟି ପୁସ୍ତକ ଉନ୍ମୋଚନ କରାଯିବ ବୋଲି ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। କ୍ଷୀରୋଦ ନନ୍ଦ, ଆଦିନାରାୟଣ ଖଣ୍ଡୁଆଳ, ଭବାନୀ ଶଙ୍କର ମହାପାତ୍ର, କିଶୋର ଚନ୍ଦ୍ର ପାଇକରାୟଙ୍କ ଉପସ୍ଥିତ ଥିଲେ। ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ଜୁଲାଇ ୨୬ରେ ହୀରକ ଜୟନ୍ତୀ ସମାରୋହ

**ଗମ୍ଭାରୀମୁଣ୍ଡା,୨।୪(ଡି.ଏନ୍.ଏ.)**

ଜୁଲାଇ ୨୬ ତାରିଖରେ ହେବାକୁଥିବା ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ୧୯୬୩-୨୦୨୩ ମସିହା ହୀରକ ଜୟନ୍ତୀ ପାଳନ ନିମନ୍ତେ ପୁରାତନ ଛାତ୍ରସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂଘର ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ଡା. ଦେବେନ୍ଦ୍ର ନାଥ ମାନସିଂହଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମିଟୁ ନାୟକ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଗୋଦାବରୀଶ ମହାବିଦ୍ୟାଳୟ ଅଧକ୍ଷ ବିନାୟକ ହୋତା, ବିଦ୍ୟାଳୟର ପୂର୍ବତନ ଅଧକ୍ଷ ନୃସିଂହ ଚରଣ ପ୍ରଧାନ, ପୂର୍ବତନ ଆଇଏଫ୍ଏସ୍ ଅଫିସର ଆଶୁତୋଷ ସାମନ୍ତସିଂହାର, ବିଦ୍ୟାଳୟର ପ୍ରଫେସର ଲକ୍ଷ୍ମୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ହୀରକ ଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ବହୁ ପୁରାତନ ଛାତ୍ରୀଛାତ୍ର ଉକ୍ତ ବୈଠକରେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ତ୍ୱରାନ୍ୱିତ ହେଉନି ସହରର ବିକାଶ

**ଖୋର୍ଦ୍ଧା ଅଫିସ,୨।୪**

### ଜିଲା ମାନ୍ୟତାକୁ ୩୦ବର୍ଷ ପୂରିଲା

- ନିର୍ମାଣ ହୋଇପାରିନି ପାଇକ ସ୍ମାରକୀ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲାକୁ ଇତିମଧ୍ୟରେ ୩୦ ବର୍ଷ ପୂରିଛି। ୧୯୯୩ ମସିହାରେ ଏହି ଜିଲା ଗଠନ ହୋଇଥିବାବେଳେ ୧୯୯୫ରେ ଖୋର୍ଦ୍ଧା ସହରରେ ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ କରାଯାଇଥିଲା। ପାଇକ ବୀରଙ୍କ ମାଟି ଭାବେ ଖୋର୍ଦ୍ଧା ପରିଚିତ। ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଏହି ମାଟିର ଅବଦାନ ଅତୁଳନୀୟ। ତେବେ ଏଠାକାର ବରୁଣେଇ ପାହାଡ଼, ଗଡ଼ଖୋର୍ଦ୍ଧା, ନାଳିଗାମୁଛା ଭଳି ଐତିହ୍ୟର ପୁନରୁଦ୍ଧାର ପ୍ରତି ଧ୍ୟାନ ଦିଆଯାଉନାହିଁ। ରାଜଧାନୀ ଭୁବନେଶ୍ୱର ବ୍ୟତୀତ ଏହି ଜିଲାର ଅନ୍ୟ ଅଞ୍ଚଳରେ ଆଖିଦୃଶିଆ ବିକାଶ ହୋଇପାରିନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳା ଏହାର କାରଣ ବୋଲି କୁହାଯାଉଛି। ଜିଲାର ୩୦ ବର୍ଷ ପୂର୍ତ୍ତି ଅବସରରେ ଏ ନେଇ ଆତ୍ମଚିନ୍ତନ ଜରୁରୀ ହୋଇପଡ଼ିଛି।

ଖୋର୍ଦ୍ଧା ଜିଲାରେ ବରୁଣେଇ ପୀଠ ସମେତ ବହୁ ପ୍ରାଚୀନ କୀର୍ତ୍ତିରାଜି ରହିଛି। ତନ୍ମଧ୍ୟରୁ ଅନେକ ବିଲୁପ୍ତ ହେବାକୁ ବସିଲାଣି। ପ୍ରୋତ୍ସାହନ ଅଭାବରୁ ବୟନ ଶିଳ୍ପୀମାନେ ପ୍ରସିଦ୍ଧ ନାଳି ଗାମୁଛା ତିଆରିରୁ ମୁହଁ ଫେରାଉଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପୁରାତନ ମଠ, ମନ୍ଦିରର ବିକାଶ କରାଯାଉଥିବାବେଳେ ମହାପ୍ରଭୁଙ୍କ ଅନ୍ୟତମ ସୁପରିଚିତ ଲୀଳାକ୍ଷେତ୍ର ଜାଗୁଲାଇ ପାଟଣା ପ୍ରତି ସରକାର ଆଖି ବୁଜିଦେଇଥିବା ମନେହେଉଛି। ସେହିପରି ପାଇକ ସ୍ମାରକୀ ସ୍ୱପ୍ନ ହୋଇ ରହିଛି। ଓଡ଼ିଆ ଜାତିର ଅସ୍ମିତା ହେଉଛି ପାଇକ ବିଦ୍ରୋହ। ଏହାକୁ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିଛି। ଏହାର ଦ୍ୱିଶତ ବାର୍ଷିକୀ ଅବସରରେ ତତ୍କାଳୀନ ରାଷ୍ଟ୍ରପତି ବରୁଣେଇ ପାଦଦେଶରେ ସ୍ମାରକୀ ପାଇଁ ଶିଳାନ୍ୟାସ କରିଥିଲେ। ଏପର୍ଯ୍ୟନ୍ତ ଏହାର ନିର୍ମାଣ ହୋଇପାରିନାହିଁ। ଶିକ୍ଷାର ପ୍ରସାର ପାଇଁ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ଏଠାରେ ଏକ କଲେଜ ସ୍ଥାପନ ହୋଇଥିଲା। ସମ୍ପ୍ରତି ଏହା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ପରିଚିତ। ଏଠାରେ ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ପୁରାତନ ଶିକ୍ଷାନୁଷ୍ଠାନର ଏକ ଗୌରବମୟ ଇତିହାସ ରହିଛି। ଏହି ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟରେ ରୂପାନ୍ତର ହେବା ଲାଗି ସମସ୍ତ ଭିତ୍ତିଭୂମି ଥିଲେ ବି ମାନ୍ୟତା ପାଇପାରୁନାହିଁ। ଖୋର୍ଦ୍ଧା ସହରରେ କ୍ରୀଡ଼ା ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଉନ୍ନତମାନର ଷ୍ଟାଡିୟମ ନ ଥିବାରୁ ଖେଳାଳିମାନେ କ୍ରୀଡ଼ାରୁ ବଞ୍ଚିତ ହେଉଛନ୍ତି। ବହୁ ଖେଳାଳି ଖେଳରୁ ମୁହଁ ଫେରାଉଛନ୍ତି। ସେହିପରି ସହରର ବିକାଶ ଲାଗି ମାଷ୍ଟରପ୍ଲାନ ହେଉନାହିଁ। ଚାରିଆଡ଼େ ଉଠାଦୋକାନ ଓ କ୍ୟାବିନ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଛି। ଉଠାଦୋକାନୀଙ୍କ ଉପଯୁକ୍ତ ଥଇଥାନ ସରକାରୀ ନାଳିଫିତା ତଳେ ଚାପିହୋଇ ରହିଛି। ଡ୍ରେନେଜ ଓ ପରିମଳ ମୁଖ୍ୟ ସମସ୍ୟା ପାଲଟିଛି। ଖୋର୍ଦ୍ଧା ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନେକ ଅଧିକାରୀ ଓ କର୍ମଚାରୀ ଭୁବନେଶ୍ୱରରେ ରହୁଛନ୍ତି। ତେଣୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ଅନେକ କର୍ମଚାରୀ ନିୟମିତ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ବହୁ ଖଣି ଓ ଶିଳ୍ପସଂସ୍ଥା ଥିଲେ ବି ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ପର୍ଯ୍ୟଟନ ପ୍ରତି ଗୁରୁତ୍ୱ ଦିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ସରକାର ଅଧିକ ରାଜସ୍ୱ ପାଇପାରନ୍ତେ। ମାତ୍ର ସେ ନେଇ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେଉନାହିଁ। ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଜିଲାରେ ଦ୍ରୁତ ବିକାଶ ଘଟୁଛି ଏବଂ ରାସ୍ତାଘାଟ, ପାନୀୟଜଳ, ଜଳସେଚନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଲାଗି ବିଭିନ୍ନ ଯୋଜନା ହାତକୁ ନିଆଯାଇଥିବା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରକାଶ କରିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳର ବିକାଶ ସହ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଉଥିବା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି। ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସହ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ ପ୍ରକାଶ କରିଛନ୍ତି।

# ସାହିଯାତର ଚତୁର୍ଥ ଦିବସ: ରାମ ବନବାସ ନୀତି ସମ୍ପନ୍ନ

ପୁରୀ ଅଫିସ, ୨।୪:

ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମନବମୀଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହୋଇଥାଏ। ଏହି କ୍ରମ ଅନୁସାରେ ଚୈତ୍ରମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ରବିବାର ସାହିଯାତର ଚତୁର୍ଥ ଦିବସରେ ରାମ ବନବାସ ନୀତି ସମ୍ପନ୍ନ ହୋଇଛି। ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ପ୍ରଭୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ ଏବଂ ମା' ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ମା' ସୀତାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରମାନଙ୍କୁ ନେଇ ମୁକ୍ତିମଣ୍ଡପ ନିକଟସ୍ଥ ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁରମାନେ ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ମଠ ଖଟଶେଯ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ଚତୁର୍ଥ ଦିବସରେ ମାର୍କଣ୍ଡେଶ୍ୱର ସାହି ଭଗବତୀ କୋଟ ଆଖଡ଼ା ପକ୍ଷରୁ ରାମ ବନବାସ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଭଗବତୀ କୋଟ ଆଖଡ଼ା ପକ୍ଷରୁ ସ୍ୱୟଂଜିତ ପରମଗୁରୁ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ, ନିଗମାନନ୍ଦ ସେନାପତି ସୀତାଙ୍କ ଭୂମିକାରେ, ପୃଥ୍ୱୀରାଜ ତ୍ରିପାଠୀ ଲକ୍ଷ୍ମଣଙ୍କ ଭୂମିକାରେ ନୀତି ସମ୍ପାଦନ କରିଥିଲେ। ସେହିପରି ବିବେକ ମଦନ ଦାଶ ବଶିଷ୍ଠ, ରାହୁଲ ଡଗର ଏବଂ ସୋହନ ସ୍ୱାଇଁ ଗ୍ରାମ ମୁଖିଆ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇଥିଲା। ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମାର୍କଣ୍ଡେଶ୍ୱର ଭଗବତୀ କୋଟ ଆଖଡା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ସେହିପରି ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଯାତ ବାହାରିଥିଲା। ଯାତ ବାଦି ସାହି ଭ୍ରମଣ କରିବା ସହ ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ ଓ ସମରକଳା ବୀରବାଦ୍ୟ ତାଳେ ତାଳେ ପ୍ରଦର୍ଶନ କରାଯାଇଥିଲା। ସାତବଖରା ଯାଗା ପକ୍ଷରୁ ବିରଞ୍ଚି ନାରାୟଣ ପାଣିଗ୍ରାହୀ ମେଢ଼, ସୁଦୀପ୍ତ ସାମର୍ଥା ଫୁଲମେଢ, ରୂପକ ପଣ୍ଡା ନାଗା, ସନ୍ତୋଷ ସାମର୍ଥା ନବଶିରା, କୃଷ୍ଣଚନ୍ଦ୍ର ସାହୁ କାନ ନାକ ମେଢରେ ସଜ୍ଜିତ ହୋଇଥିଲେ। ସେହିପରି ଗଦାସାହାଣ ବଡ଼ପୋଖରୀ ଯାଗା ପକ୍ଷରୁ ଧୀରେନ୍ଦ୍ର କୁମାର ପ୍ରଧାନ ନବଶିରା ବନ୍ଦାଇଥିଲେ। ଅନ୍ୟ ଜାଗା ମଧ୍ୟରେ ଭଜ୍ଜଜାଗା ପାଣିଆତୋଟା, ଦୁଆରୀ ଜାଗା, ବଡୁ ମହାପାତ୍ର ଯାଗା, ପାଣ୍ଡ ଜାଗା ପ୍ରଭୃତି ପକ୍ଷରୁ ବିଭିନ୍ନ ପ୍ରକାର ମେଢ, ନାଗା, ଅସୁର, ସମରକଳା ଆଦି ବାହାରିଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ସାହିଯାତ ଚାଲିଥିଲା। ଏହି ଅବସରରେ ଭଗବତ କୋଟ ନିକଟରେ ଆଠ ସାହିର ମୁରବିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୭୦ରୁ ୮୦ ବର୍ଷ ଧରି ମାର୍କଣ୍ଡେଶ୍ୱର ସାହିର ଯାତ ବନ୍ଦ ଥିବାବେଳେ ଗତବର୍ଷଠାରୁ ପୁଣି ଆରମ୍ଭ ହୋଇଛି। ଚଳିତବର୍ଷ ମାର୍କଣ୍ଡେଶ୍ୱର ସାହିର ଯାତକୁ ନେଇ ଉତ୍ସାହ ଓ ଉଲ୍ଲାସ ପ୍ରକାଶ ପାଇଛି।





ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବନବାସ ନୀତି ସମ୍ପନ୍ନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି । ଜଣେ ବାଳିକା ଦୁର୍ଗାମେଢରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରୁଛନ୍ତି ।









ସାହିଯାତର ଚତୁର୍ଥ ଦିବସରେ ସାହି ପରିକ୍ରମା ପାଇଁ ବାହାରିଥିବା ପର୍ଶୁରାମ, ନାଗା, ନାରଦ ଏବଂ କାଳୀମେଢ ।

## ସଂକ୍ଷେପରେ

### ପୁରୁଣା ଦିନର ସ୍ମୃତି ମନେପକାଇଲେ

କଣାସ,୨।୪(ସ୍ୱ.ପ୍ର.)- କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୬ ମସିହା ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ବଡ଼ାସ ଗ୍ରାମ ପଞ୍ଚମୁଖୀଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଶିକ୍ଷକ ଲକ୍ଷ୍ମୀଧର ପାଢ଼ୀ, କସ୍ତୁରୀ ଚରଣ ଚମ୍ପତି ଯୋଗଦେଇଥିଲେ। ଛାତ୍ରୀଛାତ୍ର ଦୁଇ ଶିକ୍ଷକଙ୍କୁ ପୂଜା କରିଥିଲେ। ଛାତ୍ରୀଛାତ୍ର ନିଜ ନିଜ ସଫଳତା ବିଷୟରେ କହିବା ସହ ପୁରୁଣା ଦିନର ସ୍ମୃତି ମନେପକାଇଥିଲେ। ପ୍ରତିବର୍ଷ ବନ୍ଧୁମିଳନ କରିବାକୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ଦାଶ, କାଳୁଚରଣ ଭୋଳ ପରିଚାଳନା କରିଥିବାବେଳେ ଗୁରୁପ୍ରସାଦ ବଡ଼ଜେନା, ଗୁରୁପ୍ରସନ୍ନ ଭୋଳ, ସୁକାନ୍ତ ମହାପାତ୍ର, ମାନସ ମାନ୍‌ସିଂ, ସଂଗ୍ରାମ ସାସ୍ମଲ ପ୍ରମୁଖ ସହଯୋଗ କରିଥିଲେ।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ପୁରୀ ଅଫିସ, ୨।୪: ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ମୁଖ୍ୟବକ୍ତା ଭାବେ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ଏସ୍. ରାମରତ୍ନ, ସମ୍ମାନିତ ଅତିଥି ଭାବେ କୁଳପତି ଆଚାର୍ଯ୍ୟ ହରିହର ହୋତା ଯୋଗଦେଇଥିଲେ। ଦେବାଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳାଘାଟସ୍ଥିତ ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଜୀବନ ବିନ୍ଦୁ ଓଡ଼ିଶା ମୋ ପରିବାରର ମିଳିତ ଅନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ସହସଂଯୋଜକ ଭଗବାନ ପ୍ରତିହାରୀ, ଡା. ସୁନୀଲ ତରେଇ, ଡା. ଅଶୋକ ମିଶ୍ର, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ରବିନାରାୟଣ ପ୍ରତିହାରୀ, ଭାଜପା ସିଂହଦ୍ୱାର ମଣ୍ଡଳ ସଭାପତି ରବିନାରାୟଣ ଦାଶ, ଖବରଦାତା ଜିତେନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଶଙ୍କର ପଣ୍ଡା, ସାମାଜିକ କର୍ମୀ ଅଜୟ କୁମାର ପ୍ରଧାନ, ସ୍ମିତାଞ୍ଜଳି ପତି, ସତ୍ୟବ୍ରତ ସାହୁ, ଆଇନଜୀବୀ ବିଶ୍ୱଜିତ ମହାପାତ୍ର, ଶିଶୁ ସାହିତ୍ୟ ସମ୍ପାଦକ ଶ୍ରୀକାନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ଦୀପକ କୁମାର ପଦାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ଶିକ୍ଷକ ବିଷ୍ଣୁପ୍ରସାଦ ପାଣି ଅତିଥି ପରିଚୟ ଏବଂ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଓଡ଼ିଶା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶାସନ ଦାମୋଦରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ଅଧକ୍ଷା ସୁଚରିତା ପାଢ଼ୀ ସରପଞ୍ଚ ରାଜେଶ ଦାସ, ଡ. ହିତବ୍ରତ ବାହିନୀପତି, ରାକେଶ ଦାସ, ମହେଶ୍ୱର ମାର୍ଥା, ପ୍ରଧାନ ଶିକ୍ଷକ ଆଦିକନ୍ଦ ମହାନ୍ତି, ସୁଲତାବାଳା ମିଶ୍ର, ମାନସୀ ଆଚାର୍ଯ୍ୟ, ମନୋରଞ୍ଜନ ଜେନା, ହରିହର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉର୍ଜାବାନ ଓଡ଼ିଶା ପକ୍ଷରୁ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସଫେଇ ସହ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ରଙ୍ଗଲତା ପଟ୍ଟନାୟକ, ଜିତେନ୍ଦ୍ର ପାତ୍ର, ସନ୍ତୋଷ ମୁଖି, ଦେବେନ୍ଦ୍ର ସୁବୁଦ୍ଧି, ସତ୍ୟପ୍ରିୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷୀର ଦର ବୃଦ୍ଧିକୁ ନେଇ ଗ୍ରାହକ ଅସନ୍ତୁଷ୍ଟ

ସାକ୍ଷୀଗୋପାଳ,୨।୪(ଡି.ଏନ୍.ଏ.)

ଓମଫେଡ କ୍ଷୀର ଦର ପ୍ୟାକେଟ୍ ପିଛା ଦୁଇ ଟଙ୍କା ବୃଦ୍ଧି ହୋଇଛି। କୃଷକଙ୍କ ଖର୍ଚ୍ଚକୁ ନଜରରେ ରଖି ଏପ୍ରିଲ ୧ରୁ ଓମଫେଡ୍ ତା' ନୂଆ ଦର ଲାଗୁ କରିଛି। ଗୋଖାଦ୍ୟ, ଔଷଧ ଏବଂ ଇନ୍ଧନ ମୂଲ୍ୟ, ପ୍ୟାକେଜିଂ ସାମଗ୍ରୀର ମୂଲ୍ୟ ବୃଦ୍ଧି କାରଣରୁ ଓମ୍‌ଫେଡ୍ ଦୁଗ୍ଧ ପ୍ୟାକେଟ ପିଛା ୨ଟଙ୍କା ବୃଦ୍ଧି ହୋଇଛି। ଓମ୍‌ଫେଡର ଟୋନଡ୍ ମିଲ୍କର ଦର ୫୦୦ ମିଲିର ଖୁଚୁରା ଦର ପୂର୍ବରୁ ୨୧ ଟଙ୍କା ଥିବାବେଳେ ଏବେ ତାହା ୨୩ ଟଙ୍କା ହୋଇଛି। ସେହିପରି ପ୍ରିମିୟମ ଓମ୍‌ଫେଡ ୨୪ ପରିବର୍ତ୍ତେ ୨୬, ଗୋଲ୍ଡ ଓମଫେଡ ୨୬ ଟଙ୍କା ଏବଂ ଚା ସ୍ପେଶାଲ ୨୫ ଟଙ୍କା ହୋଇଛି। ଗତବର୍ଷ ମୂଲ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଏଜେଣ୍ଟଙ୍କ କମିଶନ ବୃଦ୍ଧି ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ଥର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଏଜେଣ୍ଟଙ୍କ କମିଶନ ୨୦ ପଇସା ପ୍ୟାକେଟ ପିଛା ବୃଦ୍ଧି କରାଯାଇଛି। ଯାହାକୁ ନେଇ ଏଜେଣ୍ଟ ଅନୀଲ ବେହେରା ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ମୂଲ୍ୟ ବୃଦ୍ଧିକୁ ନେଇ ଗ୍ରାହକଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି।

## ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୬ ସମ୍ମାନିତ

ପୁରୀ ଅଫିସ ୨।୪

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ସଭା ରବିବାର ଅନୁଷ୍ଠିତ ହୋଇଛି। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୬ଜଣଙ୍କୁ ଜିଲାପାଳ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। ସେମାନେ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ଠିକ୍ ସମୟରେ ପହଞ୍ଚାଇଥିବାରୁ ସେମାନଙ୍କ ମୂଲ୍ୟବାନ ଜୀବନ ବଞ୍ଚିପାରିଥିଲା । ଭବିଷ୍ୟତରେ ସେମାନଙ୍କୁ ଉତ୍ସାହିତ କରିବା ଓ ଉତ୍ତମ କାର୍ଯ୍ୟ ପାଇ ସେମାନଙ୍କୁ ପୁରସ୍କୃତ କରାଯାଇଛି । ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଓ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟର ଗୃହ ନାହିଁ, ଶିକ୍ଷକ ନାହାନ୍ତି

କଣାସ,୨।୪(ସ୍ୱ.ପ୍ର.)

## ଅଭିଭାବକଙ୍କ ଅସନ୍ତୋଷ

ରାଜ୍ୟ ସରକାର ଉନ୍ନତମାନର ଶିକ୍ଷାଦାନ ପାଇଁ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। ପୁରୀ ଜିଲା କଣାସ ବ୍ଲକରେ ଗତବର୍ଷ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିବାବେଳେ ସେଠାରେ ୬ଷ୍ଠ ଶ୍ରେଣୀର ୮୧ ପିଲା ପାଠ ପଢ଼ୁଛନ୍ତି। ଯାମଳଗୋଦାଠାରେ ବିଦ୍ୟାଳୟ ଗୃହ ନିର୍ମାଣ ଶେଷହୋଇ ନ ଥିବାରୁ ଗଡ଼ସାହି ବାତ୍ୟା ଆଶ୍ରୟସ୍ଥଳୀର ୨ଟି ଗୃହରେ ୬ଷ୍ଠ ଶ୍ରେଣୀର ପିଲା ୨ଟି ସେକ୍ସନରେ ପଢୁଛନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ, ଗଣିତ ଶିକ୍ଷକ, ଡ୍ରଇଂ ଶିକ୍ଷକ, କ୍ରୀଡ଼ା ଶିକ୍ଷକ, କମ୍ପ୍ୟୁଟର ବିଜ୍ଞାନ ଶିକ୍ଷକ, କିରାଣି ନିଯୁକ୍ତ ହୋଇନାହାନ୍ତି। କିରାଣିଙ୍କ କାର୍ଯ୍ୟ ଶିକ୍ଷକମାନେ ପାଳିରେ ଚଳାଉଛନ୍ତି। ସେହିପରି ସଙ୍ଗୀତ ଶିକ୍ଷକ ବିଜ୍ଞାନ ପଢ଼ାଉଥିବାବେଳେ ଇଂରାଜୀ ଶିକ୍ଷକ ଗଣିତ ପଢ଼ାଉଥିବା ଦେଖିବାକୁ ମିଳିଛି। ଛାତ୍ର-ଅଭିଭାବକଙ୍କ ଏକ ବୈଠକ ଶନିବାର ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ଚାଲିଥିବା ଏକ ଗୃହରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୭ମ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଗୃହର ଅଭାବ ସହିତ ଶିକ୍ଷକ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତୁରନ୍ତ ନୂତନ ଗୃହ ନିର୍ମାଣ ଶେଷ କରିବା, ଖାଲିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ଅଭିଭାବକ ଗଣ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ।




ଶାକାହାରୀ ଖାଦ୍ୟର ଉପକାରିତା ସମ୍ପର୍କରେ ଅଭିବ୍ୟକ୍ତି ଫାଉଣ୍ଡେଶନ ପକ୍ଷରୁ ରବିବାର ପୁରୀ ଗୁଣ୍ଡିଚାମନ୍ଦିର ସମ୍ମୁଖରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

## ପୋଲିସ ପକ୍ଷରୁ କଡ଼ାକଡ଼ି ଗାଡ଼ିମୋଟର ଯାଞ୍ଚ

ପିପିଲି,୨।୪(ଡି.ଏନ୍.ଏ.)

ଚଳିତ ସପ୍ତାହକୁ ଦୁର୍ଘଟଣାମୁକ୍ତ ସପ୍ତାହ କରିବାକୁ ସାରା ରାଜ୍ୟରେ ପୋଲିସ, ଆରଟିଓ ଏବଂ ଓଏମ୍‌ଭିଆଇର ମିଳିତ ସହଯୋଗରେ ଜୋରଦାର ଉଦ୍ୟମ କରାଯାଇଥିବାବେଳେ ଶନିବାରଠାରୁ ପିପିଲି ପୋଲିସ ଗାଡ଼ି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ପିପିଲି ଟୋଲଗେଟ୍‌ଠାରେ ରବିବାର ଏସ୍‌ଆଇ ଶୁଭଶ୍ରୀ ନନ୍ଦ ଡ୍ରାଇଭିଂ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ଏହି ଅବସରରେ ବିନା ହେଲ୍‌ମେଟ୍‌ରେ ଯାତ୍ରା, ୩ ଜଣିଆ ମୋଟରସାଇକେଲ ଯାତ୍ରା, ଗାଡ଼ିର କାଗଜପତ୍ର ଯାଞ୍ଚ, ମଦ୍ୟପାନ କରି ଗାଡ଼ିଚାଳନା ଏବଂ ନାବାଳକଙ୍କ ବିନା ଲାଇସେନ୍ସରେ ଗାଡ଼ି ଚାଳନା ଉପରେ ଗୁରୁତ୍ୱ ଦେଇ ମୋଟାଅଙ୍କର ଫାଇନ ଆଦାୟ ହୋଇଛି। ଏପରି କି ମଦ୍ୟପାନ କରି ଗାଡ଼ିଚାଳନା କରୁଥିବା ଡ୍ରାଇଭରଙ୍କ ଲାଇସେନ୍ସ ରଦ୍ଦ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଯାଞ୍ଚ ପ୍ରକ୍ରିୟା ଏକ ସପ୍ତାହ ଧରି ଚାଲୁ ରହିବ ବୋଲି ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି।

# ସାହିଯାତରୁ ଫେରିବା ବେଳେ ଯୁବକଙ୍କୁ ଆକ୍ରମଣ

ପୁରୀ ଅଫିସ, ୨।୪:

- ପୂର୍ବ ଶତ୍ରୁତା ସନ୍ଦେହ
- ପୋଲିସ ପକ୍ଷରୁ ତଦନ୍ତ ଜାରି

କିଛିଦିନର ନୀରବତା ପରେ ପୁରୀ ସହରରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ ଦେଖିବାକୁ ମିଳିଛି। ସାହିଯାତ ଦେଖି ଫେରୁଥିବାବେଳେ ଜଣେ ଯୁବକଙ୍କୁ ରବିବାର କାଳିକାଦେବୀ ସାହିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ କାଳିକାଦେବୀ ସାହିର କିଶନ ରଣା। କିଶନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, କିଶନ ସାହିଯାତ ଦେଖି ଭୋର ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ଘର ନିକଟରେ ହଠାତ୍ ପଡ଼ିଶା ଘରର କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ସେ ଯନ୍ତ୍ରଣାରେ ଚିତ୍କାର କରିଥିଲେ। ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବାବେଳେ କିଶନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପାରିବାରିକ ଶତ୍ରୁତା କିମ୍ବା ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଦୁଇଟି ପୃଥକ କେସ୍(ନଂ.୧୨୫/୨୩ ଏବଂ ୧୨୬/୨୩) ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନଙ୍କୁ ପୋଲିସ ଖୋଜୁଛି। ଅନ୍ୟପକ୍ଷରେ ପାରିବାରିକ ଶତ୍ରୁତାକୁ ନେଇ ୨୦୧୮ରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ପୋଲିସ ଉଭୟ ପକ୍ଷର ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରବିବାରର ଘଟଣା ସେହି ପୁରୁଣା ଘଟଣାର ପ୍ରତିଶୋଧ ହୋଇଥାଇପାରେ ବୋଲି କୁହାଯାଉଛି।

# ଇନ୍ଦ୍ରଦ୍ୟୁମ୍ନ ଆଦର୍ଶ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୨।୪:

ମାଟିଆପଡ଼ାସ୍ଥିତ ଇନ୍ଦ୍ରଦ୍ୟୁମ୍ନ ଆଦର୍ଶ ବିଦ୍ୟା ନିକେତନର ପ୍ରଥମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ନମିତା ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହାଡୁ ସେଠୀ, ଅର୍ବାନ କୋଅପେରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ କୁମାର ନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧିକାରୀ ଡ. ପ୍ରଭାକର ତ୍ରିପାଠୀ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ସଭାପତି ଅଶୋକ ଦାସ, ଉପସଭାପତି ବାସନ୍ତି ବିଶ୍ୱାଳ ଏବଂ ସମ୍ପାଦକ ଜଗନ୍ନାଥ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ବିଦ୍ୟାଳୟର ଉନ୍ନତି କାମନା କରିବା ସହ ବିଦ୍ୟାର୍ଥୀଙ୍କୁ ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଦେଶ ସେବାରେ ମନ ନିବେଶ କରିବା ପାଇଁ କହିଥିଲେ। ଏହି ଅବସରରେ ବିଗତ ବର୍ଷର କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ସସ୍ମିତା ମହାପାତ୍ର, ସୁଶାନ୍ତ ପ୍ରଧାନ, ସୌଦାମିନୀ ସାହୁ, ମହେସ୍ମିତା ମହାନ୍ତି ଏବଂ ସ୍ମିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବାର୍ଷିକ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଶୋ'ରୁମ୍‌ରୁ ସେଲ୍‌ସମ୍ୟାନଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୨।୪(ଡି.ଏନ୍.ଏ.)

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ନିମାପଡ଼ା ଦୋଳବେଦି ଛକଠାରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍ ଗୋଦାମ ଗୃହରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ସାତପୁରୀ ଅଞ୍ଚଳର ଶିବପ୍ରସାଦ ଭୋଇ(୨୨)। ଶିବଙ୍କ ବାପା ଦିବାକର ଭୋଇଙ୍କ ଅଭିଯୋଗ ମୁତାବକ ନିମାପଡ଼ା ପୋଲିସ ଏନେଇ ବିଭିନ୍ନ ଦଫାରେ ୧୦୧/୨୩ରେ ଏକ ହତ୍ୟାମାମଲା ରୁଜୁ କରିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶିବ ଗତ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ନିମାପଡ଼ା ଦୋଳବେଦି ଛକଠାରେ ଥିବା ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍‌ରେ ସେଲ୍ସମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଶୋ'ରୁମ୍‌ରୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ନ ଉଠାଇବାରୁ ପରିବାର ଲୋକେ ଶୋ'ରୁମ୍ ମ୍ୟାନେଜର ପ୍ରଦୀପ ଦାସ ଏବଂ ଏଚ୍‌ଆର୍ ମ୍ୟାନେଜର ଦେବୀ ଦାସଙ୍କୁ ଫୋନ କରିଥିଲେ। ଉଭୟ କ୍ରୋଧାନ୍ୱିତ ହୋଇ ତୁମ ପୁଅ ବେକରେ ରଶି ଲଗାଇଦେଇଛି ବୋଲି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଶିବଙ୍କୁ କୌଣସି କାରଣରୁ ଶୋ'ରୁମ୍ ମ୍ୟାନେଜର, ଏଚ୍‌ଆର୍ ମ୍ୟାନେଜର ଏବଂ ଅନ୍ୟ ସହଯୋଗୀମାନେ ମିଶି ହତ୍ୟାକରି ଗୋଦାମ ଗୃହରେ ଟାଙ୍ଗି ଦେଇଥିବା ଶିବଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ତେବେ କ'ଣ ପାଇଁ, କେଉଁ ପରିସ୍ଥିତିରେ ଶିବଙ୍କ ମୃତ୍ୟୁ ଘଟିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମୃତ ଯୁବକଙ୍କ ଅଞ୍ଚଳର ବହୁ ଉତ୍ତ୍ୟକ୍ତ ଲୋକ ଉକ୍ତ ଶୋ'ରୁମ୍‌ରେ ପହଞ୍ଚି ଶୋ'ରୁମ୍ କର୍ତ୍ତୃପକ୍ଷ, କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ସେଠାରେ ଥିବା ଫ୍ରିଜ୍, ୱାଶିଂମେଶିନ୍, ଚେୟାର, ଫ୍ୟାନ୍ ଆଦି ଫିଙ୍ଗାଫୋପଡ଼ା କରି ଲଙ୍କାକାଣ୍ଡ ଘଟାଇଥିଲେ। ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶର୍ଙ୍କର୍ଷଣ ଦଳେଇ, ଏସ୍‌ଆଇ ତଅପୋଇ ନାୟକ, ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଏବଂ ଏଏସ୍‌ଆଇ ଅଭିମନ୍ୟୁ ଖଟୁଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶିବଙ୍କ ପରିବାରବର୍ଗ ପୋଲିସ ନିକଟରେ ଦାବି କରିଛନ୍ତି।



ଶିବପ୍ରସାଦ ଭୋଇ

